RNI No.ODIODI/2010/33031
୧୬ ବର୍ଷ Volume-16
ISSUE -297 ସଂଖ୍ୟା-୨୯୭
ଭୁବନେଶ୍ୱର, ବୁଧବାର ୧୧ ଫେବୃଆରୀ ୨୦୨୬
Bhubaneswar, Wednesday 11 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଲୋକସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ୍

ନୂଆଦିଲ୍ଲୀ,୧୦।୨: ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲା କଂଗ୍ରେସ । ୧୧୮ଜଣ ବରୋଧୀ ସାଂସଦ ଅନାସ୍ଥାକୁ ସମର୍ଥନ କରିଥିବା ସୂଚନା ମିଳିଛି । ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବିରୋଧୀ ଦଳ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ଆଜି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଲୋକସଭାର ମହାସଚିବ ଉତ୍ପଳ କୁମାର ସିଂହଙ୍କୁ ଏକ ଅନାସ୍ଥା ନୋଟିସ୍ ପ୍ରଦାନ କରିଛନ୍ତି । କଂଗ୍ରେସ ସଭାପତି ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଣ୍ଡିଆ ବ୍ଲକ୍ ବୈଠକରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା । ଗୃହରେ ବାଚସ୍ପତି ପକ୍ଷପାତିତା କରୁଥିବା ଅଭିଯୋଗ ଆଣିବା ସହ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ମିଳୁନଥିବା ଅଭିଯୋଗ କରିଛି କଂଗ୍ରେସ । ଲୋକସଭା ବାଚସ୍ପତି ନୋଟିସ୍ ଯାଞ୍ଚ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମଙ୍ଗଳବାର ବଜେଟ୍ ଅଧିବେଶନର ଦଶମ ଦିନରେ ଲୋକସଭା ପ୍ରଶ୍ନକାଳ ଆରମ୍ଭରୁ ବାଧାପ୍ରାପ୍ତ ହୋଇଥିଲା । ପୂର୍ବାହ୍ନ ୧୧ଟାରେ ଗୃହ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିଥିଲେ । ମାତ୍ର ଗୋଟିଏ ମିନିଟ୍ ପରେ, ଅଧ୍ୟକ୍ଷତା କରୁଥିବା ପିସି ମୋହନ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ମଧ୍ୟାହ୍ନ ୧୨ଟାରେ ଗୃହ ପୁନର୍ବାର ଆରମ୍ଭ ହୋଇଥିଲା । ବିରୋଧୀ ଦଳ ବିରୋଧ ଜାରି ରଖିଥିଲେ, ସାଂସଦମାନେ "ଆମେ ନ୍ୟାୟ ଚାହୁଁଛୁ" ସ୍ଲୋଗାନ ଦେଇଥିଲେ । ତା'ପରେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା ।

ପ୍ରବଳ ହଟ୍ଟଗୋଳ ମଧ୍ୟରେ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ହାତ ଯୋଡ଼ି ବିରୋଧୀ ଦଳର ସାଂସଦମାନଙ୍କୁ ନିବେଦନ କରିଥିଲେ, "ବଜେଟ୍ ଉପରେ ଆଲୋଚନା ହେବାକୁ ଦିଅ । ଏହା ଆମ ସମସ୍ତଙ୍କର କ୍ଷତି କରୁଛି । ଆପଣମାନେ ପ୍ରତିଦିନ ଆସି ହଟ୍ଟଗୋଳ ସୃଷ୍ଟି କରୁଛନ୍ତି । ଏହା କାମ ହେବାରେ ବାଧା ସୃଷ୍ଟି କରୁଛି ।"

ପୂର୍ବରୁ, ଲୋକସଭା ବାହାରେ, ପୁସ୍ତକ ବିବାଦ ସମ୍ପର୍କରେ ରାହୁଲ ଗାନ୍ଧୀ କହିଥିଲେ ଯେ ପୂର୍ବତନ ସେନା ମୁଖ୍ୟ ଜେନେରାଲ ନରବଣେ ମିଛ କହୁଛନ୍ତି କିମ୍ବା ସେ ପେଙ୍ଗୁଇନ୍ । ରାହୁଲ କହିଥିଲେ, "ମୁଁ ନିଶ୍ଚିତ ଯେ ନରବଣେ ମିଛ କହିବେ ନାହିଁ ।" ଏଠାରେ ଉଲ୍ଲେଖ କରୁଛୁ ଯେ ଭାରତୀୟ ସମ୍ବିଧାନର ଧାରା ୯୪-ସି ଲୋକସଭା ବାଚସ୍ପତିଙ୍କୁ ପଦରୁ ବହିଷ୍କାର କରିବାର ବ୍ୟବସ୍ଥା ରହିଛି । ସମ୍ବିଧାନ ଅନୁଯାୟୀ ବାଚସ୍ପତିଙ୍କୁ ପଦରୁ ବହିଷ୍କାର କରିବା ପାଇଁ ଗୃହରେ ଅନାସ୍ଥା ପ୍ରସ୍ତାବ ପାରିବ ହୋଇପାରିବ । ବାଚସ୍ପତିଙ୍କ ବିରୋଧରେ ଯେକୌଣସି ଅନାସ୍ଥା ପ୍ରସ୍ତାବର ନୋଟିସ୍ ୧୪ଦିନ ପୂର୍ବରୁ ଦିଆଯିବା ଆବଶ୍ୟକ । ଏକ ଅନାସ୍ଥା ପ୍ରସ୍ତାବ କେବଳ ସେତେବେଳେ ହୋଇପାରିବ ଯେତେବେଳେ ଅତିକମରେ ୫୦ଜଣ ସାଂସଦଙ୍କ ସ୍ୱାକ୍ଷର ରହିଥିବ । ଯଦି ପ୍ରସ୍ତାବକୁ ୫୦ଜଣ ସାଂସଦଙ୍କ ସମର୍ଥନ ନଥିବ ତେବେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ ।

ବକେୟା ଚାଲାଣ ପୈଠ ନ କଲେ ହୋଇପାରିବନି ପିୟୁସିସି

କଟକ,୧୦।୨(ନି.ପ୍ର.): ପ୍ରଦୂଷଣ ସାର୍ଟିଫିକେଟ୍ ପ୍ରସଙ୍ଗରେ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ଓଡିଶା ହାଇକୋର୍ଟ । ଚଟଉଉ ସମ୍ପର୍କିତ ଜନ ସ୍ୱାର୍ଥ ମାମଲାକୁ ଖାରଜ କରିଛନ୍ତି କୋର୍ଟ । ବକେୟା ଚାଲାଣ ପୈଠ ନକଲେ ପଲ୍ୟୁସନ୍ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ ସାର୍ଟିଫକେଟ (ପିୟୁସିସି) ମିଳିବନି ବୋଲି ସ୍ପଷ୍ଟ ଭାବେ କହିଛନ୍ତି କୋର୍ଟ । ପିୟୁସିସି କରିବାକୁ ହେଲେ ଚାଲାଣ ପୈଠ କରିବାକୁ ବାଧ୍ୟ ବୋଲି ହାଇକୋର୍ଟ କହିଛନ୍ତି । ମୋଟର ଯାନ ଆଇନ ଧାରା ୧୬୭, ଉପଧାରା ୧୨ ଅନୁଯାୟୀ ବକେୟା ଚାଲାଣ ଥିଲେ ପିୟୁସିସି ଆବଦେନ ହୋଇପାରିବନାହିଁ ବୋଲି କୋର୍ଟ କହିଛନ୍ତି । ଏହାସହିତ ରୁଲ ବାବଦରେ କୋର୍ଟଙ୍କୁ ଅବଗତ କରାଯାଇଛି । ଯାହା ସମ୍ପର୍କରେ ଆଜି ଆଡ଼ଭୋକେଟ ଜେନେରାଲ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ । ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହିତ ଦାୟର ଜନସ୍ୱାର୍ଥ ମାମଲା ଉପରେ ଆଜି ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ।

ଗତ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲେଖ ଥିଲା ଯେ, ଗାଡି ମାଲିକଙ୍କ ପିୟୁସିସି ନଥିଲେ ତାଙ୍କୁ ପେଟ୍ରୋଲ କି ଡିଜେଲ ମନା । ଏନେଇ ବିଭିନ୍ନ ତୈଳ ବିକ୍ରୟକାରୀ କମ୍ପାନୀକୁ ଲେଖାଯାଇଥିବା ଚିଠିକୁ ବିରୋଧ କରି ହାଇକୋର୍ଟରେ ଦାୟର ହୋଇଥିଲା ଜନସ୍ୱାର୍ଥ ମାମଲା । ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ ଉଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଜନସ୍ୱାର୍ଥ ମମାଲାରେ ଉଲେଖ କରାଯାଇଥିଲା ।

ମାମଲାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ । ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏହି ମାମଲାରେ ଯୁକ୍ତି ଉପସ୍ଥାପନ କରିଥିଲେ ।

ଗତ ୨୭ ଜାନୁଆରୀରେ ହାଇକୋର୍ଟ ଯେଉଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ, ସେହି ମୁତାବକ ପିୟୁସିସି ନଥିଲେ ପେଟ୍ରୋଲ ମିଳିବା ନେଇ ଜାରି ହୋଇଥିବା କଟକଣା କାର୍ଯ୍ୟକାରୀ ହୋଇନଥିଲା । କିନ୍ତୁ ନିକଟରେ ପରିବହନ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି । ଯେଉଁଥିରେ ସଂଶୋଧିତ ମୋଟର ଭେହିକଲ ଗାଡିର ପିୟୁସିସି ପ୍ରମାଣପତ୍ର ନଥିବା ଯାନ ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରୟ ନକରିବା ଗାଡି ମାଲିକଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା କୋର୍ଟକୁ ଦର୍ଶାଇଥିଲେ ଆବଦେନକାରୀଙ୍କ ଓକିଲ । ଏଥିସହିତ ଗାଡିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ ।

ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି

ସର୍ବନିମ୍ନ ଦରମା ୫୬,୯୪୮ ଟଙ୍କା, ସର୍ବାଧିକ ଦରମା ୯୧,୪୬୭

ଭୁବନେଶ୍ୱର,୧୦।୨(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିସନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରମାନଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏନଏଚଏମ୍‌ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ମାନଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

୫ ବର୍ଷରୁ କମ ସମୟ ଅବଧି ପାଇଁ ସେବାରତ ଆୟୁଷ ଡାକ୍ତରମାନଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି । ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା ହୋଇଛି । ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତର ମାନଙ୍କ ଦରମା ମାସକୁ ୨୫ ହଜାର ବୃଦ୍ଧିପାଇଁ ୭୪,୪୬୭ ଟଙ୍କାରେ ପହଞ୍ଚିଛି । ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ବୃଦ୍ଧିପାଇ ୮୦,୪୬୭ ହୋଇଥିବ ବେଳେ, ୧୫ ବର୍ଷରୁ ଉର୍ଦ୍ଧ୍ୱସେବା ପାଇଁ ଆୟୁଷ ଡାକ୍ତର ମାନଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କାରେ ପହଞ୍ଚିଛି ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି ଏବଂ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ।

୨୩ ଶିଳ୍ପ ବିନିଯୋଗକୁ ଅନୁମୋଦନ

ଭୁବନେଶ୍ୱର, ୧୦।୨(ନି.ପ୍ର.):: ୨୩ଟି ଶିଳ୍ପ ବିନିଯୋଗ ପ୍ରସ୍ତାବକୁ ସିଙ୍ଗିଲ୍ ? ୱିଣ୍ଡୋ ଅନୁମୋଦନ ମିଳିଛି । ୧୪୪ତମ ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମଞ୍ଜୁରୀ ପ୍ରଦାନ କରାଯାଇଛି । ପ୍ରସ୍ତାବଗୁଡିକର ମୋଟ ବିନିଯୋଗ ପରିମାଣ ୪,୧୧୧,୮୦ କୋଟି ଟଙ୍କା ରହିଛି । ଏହା ଦ୍ୱାରା ୯,୯୨୪ଟି ନିଯୁକ୍ତି ଚାକିରି ସୃଷ୍ଟି ହେବ । ଏହି ପ୍ରକଳ୍ପ ଗୁଡିକ ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର, ସୁନ୍ଦରଗଡରେ କାର୍ଯ୍ୟକାରୀ

ଦାନହୁଣ୍ଡି ତାଲା କାଟି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ଗୋପ,୧୦।୨(ନି.ପ୍ର.)::ସିସିଟିଭି ରେ କଏଦ ହେଲା ଚୋରିର ଲାଇଭ ଦୃଶ୍ୟ । ଚୋରି ଘଟଣାରେ ୪ ଜଣ ଦୁର୍ବୃତ୍ତ ସାମିଲ ଥିବା ସିସିଟିଭିରୁ ଜଣାପଡିଛି । ପୁରୀ ଜିଲ୍ଲା ଗୋପ ଥାନା ଶୋଳପୁର ଗାଁର ମା ଏଡଙ୍ଗେଇ ଠାକୁରାଣୀଙ୍କ ମନ୍ଦିରରୁ ଲୁଟ ହୋଇଛି ।

ଦାନହୁଣ୍ଡି ତାଲା କାଟି ଲକ୍ଷାଧିକ ଟଙ୍କା ସହ ମାଙ୍କ ସୁନା ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ସକାଳୁ ମନ୍ଦିର ପୂଜକ ମନ୍ଦିର ଖୋଲାଲା ବେଳେ ସମସ୍ତ ଜିନିଷପତ୍ର ଏଣେତେଣେ ପଡିଥିଲା । ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଖବର ଦେବା ସହ ଗୋପ ଥାନାରେ ଅଭିଯୋଗ କରିଥିଲେ । ଘଟଣାସ୍ଥାନରେ ଗୋପ ପୁଲିସ୍ ପହଞ୍ଚି ତଦନ୍ତ ଚଳାଇଛି । ସୁନା, ରୁପା ଅଳଙ୍କାର ଓ ଦାନହୁଣ୍ଡିରେ ଥିବା ଟଙ୍କା ଅନୁମାନ ମୂଲ୍ୟ ୫ଲକ୍ଷରୁ ଅଧିକ ହେବ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଗୋପ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ହେଲା ଅଧିକ ସୁଦୃଢ଼

ପ୍ରତ୍ୟେକ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲକୁ ନିରନ୍ତର ଆମ୍ବୁଲାନସ ସେବା ଯୋଗାଇଦିଆଯିବ

ବିମାନ ଯୋଜନାରେ ଏୟାରଷ୍ଟ୍ରିପରେ ମଧ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୨(ନି.ପ୍ର.): ଆମ୍ବୁଲାନ୍ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଳିଙ୍ଗ ଷ୍ଟାଡିୟମ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି ।

ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି । ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିବା ବେଳେ, ଆଜି କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୫୦ଟି ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି । ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି ।

ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି । ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ ।

ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍‌ସଡ ଲାଇଫ୍ ସପୋର୍ଟ ବା ଆମ୍ବୁଲାନ୍ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଲଖଝ ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି । ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ ।

୩ ଜଣଙ୍କୁ ଦଳିଲା ହାତୀ, ୩ ଗୁରୁତର

ଢେଙ୍କାନାଳ,୯।୨(ନି.ପ୍ର.): ଜଙ୍ଗଲକୁ କାଠ ଗୋଟାଇବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ବଳଦିଆ ବନ୍ଧ ସେକ୍ସନର ପାଟପୁରିଆ ସଂରକ୍ଷିତ ଜଙ୍ଗଲରେ ଦନ୍ତା ହାତୀର ଆତଙ୍କ ଦେଖିବାକୁ ମିଳିଛି । କାଇମାଟି ଲୋଚାପଲି ଗାଁର ୧୫ ଜଣ ଜଙ୍ଗଲକୁ କାଠ ଗୋଟେଇବାକୁ ଯାଇଥିଲେ । ଦିନ ୧୧ଟା ସମୟରେ ଦନ୍ତା ହାତୀଟି ଅଚାନକ ୧୫ ଜଣଙ୍କୁ ଆକ୍ରମଣ କରିଥିଲା । ଫଳରେ ୬ ଜଣ ଗୁରୁତର ହୋଇଥିଲେ ମାତ୍ର ଢେଙ୍କାନାଳ ଡାକ୍ତରଖାନାକୁ ଆଣୁଥିବାବେଳେ ବାଟରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ୩ ଜଣ ହେଲେ ଇନ୍ଦୁମତି ପଧାନ, ଟୁନୀ ବେହେରା, କୁନ୍ତଳା ପଧାନ । ଆହତ ହୋଇଥିବା ମହିଳାମାନେ ହେଉଛନ୍ତି ରମା ଦେହୁରୀ, ରଶ୍ମିତା ପଧାନ , ଝିଲି ପଧାନ । ଏବେ ଗୁରୁତରଙ୍କର ଢେଙ୍କାନାଳ ଡାକ୍ତରଖାନାରେ ଚିକିତ୍ସା

ଚାଲିଛି । ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ଡାହୁକ

-ବିଧୂ

ସବୁ ରାଜ୍ୟ ରାଜପଥ ହେବ ୪ ଲେନ୍

କଟକ,୧୦।୨(ନି.ପ୍ର.): ଏଣିକି କଟକରେ ଆଉ ରହିବନି ଟ୍ରାଫିକ୍ ସମସ୍ୟା । ଭିଡ଼ମୁକ୍ତ ହେବ କଟକ । ଏହାର ସମଧାନ ପାଇଁ ଆଉଟର ରିଙ୍ଗ୍‌ରୋଡ୍ ନିର୍ମାଣ ହେବାନେଇ ଚାଲିଛି ବଡ଼ ଯୋଜନା । ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକରେ ରିଙ୍ଗ୍‌ରୋଡ୍ ନିର୍ମାଣ ନେଇ ସରକାର ଯୋଜନା କରିଛନ୍ତି । ଏଥିସହ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ କୁ ୬ ଲେନ୍ କରିବା ନେଇ ସର୍ଭ ହେବ । ସବୁ ରାଜ୍ୟ ରାଜପଥକୁ ୪ ଲେନ୍ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍

ବିଚ୍ ରାସ୍ତା ଉପରେ ମାରି ଦେବାକୁ ଉଦ୍ୟମ

ଭୁବନେଶ୍ୱର,୧୦।୨:(ମନୁନ)ରାଜଧାନୀ ରେ ଆଜିକାଲି ସାଧାରଣ ଲୋକ ଟିଏ ବାହାରକୁ ଯିବା କୁ ବାରମ୍ବାର ଭାବିବାକୁ ପଡୁଛି ରାଜଧାନୀ ରେ ଆଇନି ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଉପର ମୁହାଁ ହେବାରେ ଲାଗିଛି । ଗତ ରବିବାର ଦିନ ସ୍ୱାସ୍ଥ୍ୟ ବିଭାଗର ଏକ ଅଧିକାରୀ ଗିରିଜା ଶଙ୍କର ଦାସ (୫୨) ବର୍ଷ ସଖାଳ ପ୍ରାୟ ୪: ୩୦ ମିନିଟ୍ ସମୟରେ ୟୁନିଟ୍ ୨ ବାସଭବନ ରୁ ନିତିଦିନ ଭଳି ନିଜର ନିତ୍ୟକର୍ମ ସାରି ବାହାରିଥିଲେ ମର୍ଣିଂ ୱାର୍କ କରିବାକୁ । ଆଇ.ଜି ପାର୍କ ଛକ ନିକବର୍ତ୍ତୀ ମୁଖ୍ୟମନ୍ତ୍ରୀ ଙ୍କ ପୁରୁଣା ସରକାରୀ ବାସଭନର ପାଖା ପାଖି ଏରିଆ । ରେ କେହି ଦୃବୃତ ଆସି ଗାଡି ମାଡ଼ କରିବା କିମ୍ବା ଜୀବନରେ ମାରି ଦେବାପାଇଁ ଚେଷ୍ଟା କରି ଥିବା ବେଳେ ରକ୍ତ ଯୁଡୁ ପୁଡ ଅବସ୍ଥାରେ ସକାଳୁ ପୋଲିସ୍ ପିଶିଆର ଭ୍ୟାନ୍ ଦେଖି ଚେତା ନଥିବା ଅବସ୍ଥାରେ ଉଦ୍ଧାର କରିଛି । ପରେ ପରେ ପୋଲିସ୍ ନିକଟସ୍ଥ କ୍ୟାପିଟାଲ ହସ୍ପିଟାଲ ରେ ପହଞ୍ଚାଇ ଥିବା ସୂଚନା ମିଳିଛି । ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ମୁଣ୍ଡ କାମ କରୁନଥିବା ବେଳେ ଗୋଡ ଭାଙ୍ଗି ଯାଇଛି ଯାହା ପହଲରେ ଗତକାଲି ଡାକ୍ତର ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ୍ କୁ ରେଫର କରିଥିବା ଜଣାପଡିଛି । ଘର ଲୋକେ ଗିରିଜା ଙ୍କ ଚିକିତ୍ସା ରେ କଟକ ରେ ବ୍ୟସ୍ତ ଥିବା ବେଳେ ଏଭଳି କାମ କିଏ କଲା ଓ କାଉ ଉଦ୍ଦେଶ୍ୟ ରେ କଲା ତାହା ଏବେ ତାହା ଜଣା ପଡିନାହିଁ । ପୋଲିସ୍ ତା ନିଜ ଆଡୁ କେଶ୍ ଗ୍ରହଣ କରିଛି କି ନାହିଁ ତାହା ଜଣା ପଡିନାହିଁ । ଆଉ କିଏ ନୁହେଁ ଖୋଦ୍ ରାଜ୍ୟର ମୁଖ୍ୟମନ୍ତ୍ରୀ ଙ୍କ ପୂର୍ବ ବାସଭବନ ପାଖରେ ଯଦି ଅଭିଯୁକ୍ତ କମିଶନରେଟ୍ ପୋଲିସ୍ ଆଖିରେ ଧୂଳି ଦେଇ ଅପରାଧର କାୟା ବିସ୍ତାର କରିବ ତାହାଲେ ସାଧାରଣ ଲୋକେ ରାଜଧାନୀ ରେ କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ଅଭିଯୁକ୍ତ କୁ ଧରିବାକୁ ପୋଲିସ୍ ସଧାରଣ ରେ ଦାବି ଉଠିଛି ।

ଜନଗଣନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,୧୦।୨:(ମନୁନ)ଜନଗଣନା ପ୍ରତି ୧୦ ବର୍ଷ ରେ ଅନୁଷ୍ଠିତ ହୋଇଥାଏ । ତେବେ ୨୦୨୧ କରୋନା ପାଇଁ ଏହା ପ୍ରଭାବିତ ହୋଇ ବନ୍ଦ ରହିଥିଲା । ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୨୭ ମସିହା କୁ ଯୋଗ୍ୟତା ବର୍ଷ ଭାବେ ଧରାଯାଇ ତାହାର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଯଆଜି ପୂର୍ବାହ୍ନରେ ଜନଗଣନା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଏହି ଜାତୀୟ କାର୍ଯ୍ୟକ୍ରମ ରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଜନଗଣନା ର ଆବଶ୍ୟକତା, ନାଗରିକ ଓ ଗଣନାକାରୀ ଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବିସ୍ତୃତ ସୂଚନା ଦେଇ ରାଜ୍ୟ ଜନଗଣନା କାର୍ଯ୍ୟାଳୟ ର ଯୁଗ୍ମ ନିର୍ଦ୍ଦେଶକ ହାରାଧନ କର୍ମୀ ଅଧିକାରୀ ଓ କର୍ମଚାରୀ ମାନଙ୍କ ନିଯୁକ୍ତି, ଜନଗଣନା ସମ୍ପର୍କରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସୂଚନା , ମାଷ୍ଟର ଟ୍ରେନର, ଫିଲ୍ଡ ଟ୍ରେନରଏନୁମେରେଟର,ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ,ଗୃହ ସର୍ଭେ, ଜୋନ ଅନୁସାରେ ଗଣନାକାରୀ ଙ୍କୁ ଦାୟିତ୍ୱ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ । ଦୁଇ ପର୍ଯ୍ୟାୟରେ ଏହି ଗଣନା ହେବୟ୨୦୨୬ ଅପ୍ରେଲ ୧୬ ରୁ ୧୫ ମେ ୨୦୨୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ୨୦୨୭ ଫେବୃଆରୀ

୯ ରୁ ୨୮ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିବ ବୋଲି ସେ କହିଥିଲେ । ଏଥି ସହ ସ୍ୱ-ଗଣନା ପୋର୍ଟାଲ ମାଧମ ରେ ନିଜେ ନିଜର ତଥ୍ୟ ପ୍ରଦାନ କରିବା ର ସୁବିଧା ଗୃହ ଗଣନା ପୂର୍ବରୁ ଅର୍ଥାତ ୧ ଏପ୍ରିଲ ରୁ ୧୫ ଏପ୍ରିଲ ୨୦୨୬ ମଧ୍ୟରେ ଦାଖଲ କରିପାରିବେ କ୍ଷସଠିକ ଜନସଂଖ୍ୟା ଗଣନା ବିଭିନ୍ନ ଆକଳନରୁ ଦ୍ୱନ୍ଦ୍ୱ ଦୂର କରି ଜନସଂଖ୍ୟାର ଏକ ନିର୍ଣ୍ଣାୟକ, ସରକାରୀ ଗଣନା ପାଇବା,ବୟସ, ଲିଙ୍ଗ, ଶିକ୍ଷା, ସାକ୍ଷରତା, ଧର୍ମ, ଭାଷା ଏବଂ ବୈବାହିକ ସ୍ଥିତି ସମେତ ଜନସଂଖ୍ୟା ଗଠନ ଉପରେ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଏବଂ ପ୍ରକାଶନ କରିବା ସମ୍ପର୍କରେ ଏହି ଗଣନା ସହାୟତା କରିଥାଏ ।ଶ୍ରମଶକ୍ତି, ନିଯୁକ୍ତି ଏବଂ ଗଠନ ଏବଂ ବୈଶିଷ୍ଟ୍ୟ ମାପ କରିବା, ଗୃହ ନିର୍ମାଣ ଅବସ୍ଥା, ସୁବିଧାର ଉପଲବ୍ଧତା ମୂଲ୍ୟାଙ୍କନ କରିବା ଏବଂ ସ୍କୁଲ, ହସ୍ପିଟାଲ ଏବଂ ପରିବହନ ଭଳି ସାମାଜିକ ଭିତ୍ତିଭୂମି ଚିହ୍ନଟ କରିବାରେ ସହାୟତା କରିବା ଏବଂ ନିର୍ବାଚନ ସୀମା ପୁନଃର୍ନିମାଣ କରିବା ପାଇଁ ତଥ୍ୟ ପ୍ରଦାନ କରିବା, ସରକାର, ଏନଜିଓ ଏବଂ ବ୍ୟବସାୟଗୁଡ଼ିକୁ ନୀତି ଏବଂ କାର୍ଯ୍ୟକ୍ରମ ଯୋଜନା, ତଦାରଖ ଏବଂ ମୂଲ୍ୟାଙ୍କନ କରିବାକୁ ସକ୍ଷମ କରିବା,ସମୟ ସହିତ ଜନସଂଖ୍ୟାରେ ପରିବର୍ତ୍ତନ, ଯେପରିକି ସହରୀକରଣ ଏବଂ ପ୍ରବାସ ଢାଞ୍ଚା ବିଶ୍ଳେଷଣ କରିବା ସମ୍ପର୍କରେ ସେ ଆଲୋଚନା କରିଥିଲେ । ଏହି ବୈଠକରେ ଉପ ଜିଲ୍ଲାପାଳ ରାଜକିଶୋର ଜେନା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜନଗଣନା ର ସହକାରୀ ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ଚନ୍ଦ୍ର ମୋହନ ମହାନ୍ତ, ପରିସଂଖ୍ୟାନ ଅନୁଧ୍ୟାନକାରୀ ବିଜୟ କୁମାର ସାହୁ, ଜିଲ୍ଲାର ସମସ୍ତ ତହସିଲଦାର ତଥା ଚାର୍ଜ ଅଫିସର, ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଅଫିସର, ସହକାରୀ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ୧୮୪୪ ଜଣ ଛାତ୍ରଛାତ୍ରୀ

ବୁଗୁଡ଼ା, ୧୦।୨:(ମନୁନ)ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଚଳିତ ବର୍ଷ ଫେବୃୟାରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୧୦ଟି କେନ୍ଦ୍ରରେ ମୋଟ ୧୮୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି । ତେବେ ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୬୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ୨୨୫ ଜଣ , ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୨୦୧ ଜଣ, ପଙ୍କଳବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୯୪ ଜଣ, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୧ ଜଣ , ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୪ ଜଣ , ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୫ ଜଣ , ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୪୮ ଜଣ, ପୋଚଲୁଣ୍ଡି ଗ୍ରାମସ୍ଥ ମା କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୪୧ ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ଜଣାପଡିଛି ।

କୁଚିଣ୍ଡା ବ୍ଲକରେ ଭିବିଜି ରାମ ଜୀ ସଚେତନତା ଉପରେ ସାମ୍ବାଦିକ ସମ୍ମିଳନୀ

କୁଚିଣ୍ଡା,୧୦।୨:(ମନୁନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ (ଭିବିଜି ରାମ ଜୀ) ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ ସଚେତନତା ଉପରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବରୁ ଥିବା ଏମଜିଏନ ଆର ଇଜିଏସ୍ ଯୋଜନା କୁ ପରିବର୍ତ୍ତନ କରାଯାଇ ଭିବିଜି ରାମ ଜୀ ନାମକ ନୂତନ ଯୋଜନା

କାର୍ଯ୍ୟକାରୀ କରିବାକୁ ସଚେତନତା ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଏହି ନୂତନ ଯୋଜନା ଦ୍ୱାରା ଜଳ ସୁରକ୍ଷା, ଗ୍ରାମୀଣ ମୈୟଲିକ ଭିତ୍ତିଭୂମି,ବ୍ୟକ୍ତିଗତ ସହାୟତା ଏବଂ ଏହାର ଅନ୍ୟାନ୍ୟ ଦିଗ ଉପରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଏଥିରେ ଏଇଇ ପ୍ରଜ୍ଞାପରିମିତା ନାୟକ,ଏପିଓ କୁଲବନ୍ତ ବା,ଏବିଡିଓ ଜଗମୋହନ କିସାନ,ଅଜୟ ବାଗେ,ତରୁଣ ପ୍ରସାଦ ବିଶ୍ୱାଳ, ନରେନ୍ଦ୍ର ନାୟକ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ,ଏହା ସହିତ ଏହି କାର୍ଯ୍ୟକ୍ରମ ରେ କୁଚିଣ୍ଡା ଅଂଚଳ ର କାର୍ଯ୍ୟରତ ସାମ୍ବାଦିକ ଗଗନ ଶର୍ମା, ଗଜେନ୍ଦ୍ର ଭୋଇ,ବିରଞ୍ଚି ଦର୍କା,ଦେବେନ୍ଦ୍ର ବେହେରା,ସଚିକାନ୍ତ ସାହୁ,ତପନ ଦାଶ, ସୋମ୍ୟରଞ୍ଜନ ଧଳ,ରିଙ୍କୁ କୁସୁମ,ଚତୁର୍ଭୁଜ ଜୟପୁରିଆ । ପ୍ରମୁଖ ଉପସ୍ଥିତ ରହିଥିଲେ ।

ଅବସରପ୍ରାପ୍ତ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ ଦେହାନ୍ତ, ଅଞ୍ଚଳରେ ଶୋକର ଛାୟା

ବୁଗୁଡା,୧୦।୨:(ମନୁନ)ସ୍ଥାନୀୟ ପିପୁଲ୍ସ କଲେଜ ଏବଂ ତେନ୍ତୁଳିଆ । ଦେବସ୍ଥାନ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଭାବେ ଅଧ୍ୟାପନା ଦାୟିବ ନିର୍ବାହ କରି ଅବସର ଗ୍ରହଣ କରିଥିବା ପ୍ରଫେସର ନିତ୍ୟାନନ୍ଦ ମହାନ୍ତି(୭୮)ଙ୍କ ଦେହାନ୍ତରେ ଶୋକର ଛାୟା ଖେଳି ଯାଇଛି । ସେ କିଛି ଦିନ ହେଲା ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଗତ ସୋମବାର ସନ୍ଧ୍ୟାରେ ବୁଗୁଡା ଶକ୍ତିନଗରସ୍ଥିତ ସ୍ୱବାସଭବନରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଓ ପୁଅଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ । ବୁଗୁଡା ବଡଶଙ୍ଖସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ସେ ଜଣେ କର୍ତ୍ତବ୍ୟନିଷ୍ଠ ଏବଂ ଛାତ୍ରବତ୍ସଳ ଅଧ୍ୟାପକ ଥିଲେୟ ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

ମହାଶିବରାତ୍ରୀ ପାଇଁ ସଜେଇ ହେଉଛି ଶୈବପୀଠ

ବୁଗୁଡ଼ା, ମହାଶିବରାତ୍ରୀ ପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟି ଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚୀମାନ ମଧ୍ୟ ପ୍ରକାଶ ପାଇଛି । ଫଳରେ କେତେକ ଶୈବ ପୀଠରେ ନାମଯଜ୍ଞ ଓ ଅନ୍ନଯଜ୍ଞ ହେବାର ଜଣାଯାଇଛି । ଏ ବର୍ଷ ଶୈବପୀଠ ଗୁଡିକରେ ପ୍ରବଳ ଭିଡ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଏବଂ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍ ସମୟରେ ଯେପରି ମହାଦୀପ ଉଠିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଛି । ଏଥିସହ ମନ୍ଦିର ଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗମରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ଶ୍ରଦ୍ଧାଳୁମାନେ ଜାଗର ପର୍ବ ପାଳନ ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାଯାଇଛି ।

୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା

ପୁରୀ,୧୦।୨:(ମନୁନ)ତାଳବଣିଆ । ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଚଳିତ ମାସ ୧୦ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଛି ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳାୟ୫ ଦିନିଆ । ଏହି ମେଳା ରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା,ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ କାଫେ ଇତ୍ୟାଦି ର ୧୯୪ ଷ୍ଟଲ ର ବ୍ୟବସ୍ଥା ହୋଇଛି । ରାଜ୍ୟ ର ଅନ୍ୟ ସମସ୍ତ ଜିଲ୍ଲା ଓ ପୁରୀ ଜିଲ୍ଲାର ସର୍ବାଧିକ ଷ୍ଟଲ ଏଥିରେ ସାମିଲ ହେବେୟସ୍ୱୟଂ ସହାୟକ ଗୋଷ୍ଠୀ ର ଉତ୍ପାଦ ସହ,ବିଭିନ୍ନ ଉଦ୍ୟୋଗୀ ମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିବେ । ସେହିପରି ସଂସ୍କୃତି ବିଭାଗ ପକ୍ଷରୁ ବୁକ କାଫେ, ବରପୁତ୍ର ମାନଙ୍କ ତଥ୍ୟ ଭିତ୍ତିକ ଫଟୋ ଚିତ୍ର ପ୍ରଦର୍ଶନୀ ସହ ପ୍ରତି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପୂର୍ବରୁ ଏହି ମେଳାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଭାଗ ସେମାନଙ୍କ ଦାୟିବ କୁ ସୁଚାରୁ ରୁପେ ନିର୍ବାହ ସହ ଅନ୍ୟ ବିଭାଗ ସହ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପରିଷ୍କାର ପରିଚ୍ଛନ୍ନତା, ଶୌଚାଳୟ, ବିଦ୍ୟୁତ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଏକ ନିୟନ୍ତ୍ରଣ କକ୍ଷ ବା କଣ୍ଟ୍ରୋଲ ରୁମ ମେଳା ରେ କାର୍ଯ୍ୟ କରିବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ସ୍ୱଦେଶୀ ମେଳା ର ନୋଡାଲ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି ।

କୁଚିଣ୍ଡା ବ୍ଲକରେ ଭିବିଜି ରାମ ଜୀ ସଚେତନତା ଉପରେ ସାମ୍ବାଦିକ ସମ୍ମିଳନୀ

କୁଚିଣ୍ଡା,୧୦।୨:(ମନୁନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ (ଭିବିଜି ରାମ ଜୀ) ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ ସଚେତନତା ଉପରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବରୁ ଥିବା ଏମଜିଏନ ଆର ଇଜିଏସ୍ ଯୋଜନା କୁ ପରିବର୍ତ୍ତନ କରାଯାଇ ଭିବିଜି ରାମ ଜୀ ନାମକ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ସଚେତନତା ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଏହି ନୂତନ ଯୋଜନା ଦ୍ୱାରା ଜଳ ସୁରକ୍ଷା, ଗ୍ରାମୀଣ ମୈୟଲିକ ଭିତ୍ତିଭୂମି,ବ୍ୟକ୍ତିଗତ ସହାୟତା ଏବଂ ଏହାର ଅନ୍ୟାନ୍ୟ ଦିଗ ଉପରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ । ଏଥିରେ ଏଇଇ ପ୍ରଜ୍ଞାପରିମିତା ନାୟକ,ଏପିଓ କୁଲବନ୍ତ ବା,ଏବିଡିଓ ଜଗମୋହନ କିସାନ,ଅଜୟ ବାଗେ,ତରୁଣ ପ୍ରସାଦ ବିଶ୍ୱାଳ, ନରେନ୍ଦ୍ର ନାୟକ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ,ଏହା ସହିତ ଏହି କାର୍ଯ୍ୟକ୍ରମ ରେ କୁଚିଣ୍ଡା ଅଂଚଳ ର କାର୍ଯ୍ୟରତ ସାମ୍ବାଦିକ ଗଗନ ଶର୍ମା, ଗଜେନ୍ଦ୍ର ଭୋଇ,ବିରଞ୍ଚି ଦର୍କା,ଦେବେନ୍ଦ୍ର ବେହେରା,ସଚିକାନ୍ତ ସାହୁ,ତପନ ଦାଶ, ସୋମ୍ୟରଞ୍ଜନ ଧଳ,ରିଙ୍କୁ କୁସୁମ,ଚତୁର୍ଭୁଜ ଜୟପୁରିଆ । ପ୍ରମୁଖ ଉପସ୍ଥିତ ରହିଥିଲେ ।

ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ଓ ହରିହରାତ୍ମକ ୨୧ ଠାକୁରଙ୍କ ମହାମିଳନ

ଗଞ୍ଜାମ,୧୦।୨:(ମନୁନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ବୋରିଗାଁ ନିକଟସ୍ଥ ରାଣିବର ପାହାଡରେ ବିଜେ ବାବା ଝାଡେଶ୍ୱର ମହାଦେବ ଶୈବାପୀଠରେ ବିଶ୍ୱଶାନ୍ତି ମହାଯଜ୍ଞପାଇଁ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୧୧ ଦିନ ବ୍ୟାପି ହେବାକୁ ଥିବା ଏହି ହରିହରାତ୍ମକ ମହାଯଜ୍ଞ ପାଇଁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମାନେ ବରୋଦା ଗ୍ରାମ ନିକଟସ୍ଥ ପୁଣ୍ୟତୋୟା ଋଷିକୁଲ୍ୟା ନଦୀ କଂସାରୀ ଗଣ୍ଡରୁ ଶ୍ରଦ୍ଧାଳୁ ମାନେ କଳସ ରେ ପୂର୍ଣ୍ଣକୁମ୍ଭ ମସ୍ତକରେ ଧାରଣ କରି ବାଦ୍ୟ ବାଜଣା ସହକାରେ ଯଜ୍ଞ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲେ । ପରେ ସ୍ଥାନୀ

ମଦ୍ୟପାନ କରି ନିଜ ପତ୍ନୀଙ୍କୁ ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ

ଯାଜପୁର, ୧୦।୨:(ମନ୍ଥନ)ନୂତନ ନିୟାମାବଳି ୩ ମାସ ମଧ୍ୟରେ ଫଇସଲା ଅନୁଯାୟୀ ଅତିରିକ୍ତ ଜିଲା ଓ ଦୌରା ଜଜଙ୍କ କୋର୍ଟ ରେ ପ୍ରଥମ ରାୟ ପ୍ରକାଶ । ମଦ୍ୟପାନ କରି ନିଜ ପତ୍ନୀଙ୍କୁ ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ। ଅଭିଯୁକ୍ତ ସ୍ୱାମୀ ହେଲେ ବିଂଝାରପୁର ଥାନା ଚନ୍ଦ୍ରମୁଁ ଗାଁର ସୁଦାମ ମଲ୍ଲିକ। ୨୦୨୫ ମସିହାରେ ବିଂଝାରପୁର ଥାନା ଚନ୍ଦ୍ରମୁଁ ଗାଁରେ ନିଜ ଘରେ ମଦ୍ୟପାନ କରି ନିଜ ପତ୍ନୀଙ୍କୁ ଶାବୁଳରେ ଛେଚିବା ପରେ ଛୁରୀ ଭୁସି ହତ୍ୟା କରିଥିଲେ ଅଭିଯୁକ୍ତ । ଏ ନେଇ ଅଭିଯୁକ୍ତଙ୍କ ପରିବାର ବର୍ଗ ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଆଜି ଏହି ମାମଲା ର ଶୁଣାଣି କରିଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ । ୧୨ ଜଣଙ୍କ ସାକ୍ଷ ପ୍ରମାଣ ଓ ୧୭ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଙ୍କୁ ଭାରତୀୟ ନ୍ୟାୟ ସଂହିତା ୮୫/୧୦୩(୧) ଅନୁଯାୟୀ ଆଜୀବନ କାରାଦଣ୍ଡାଦେଶ ସହ ୧ଲକ୍ଷ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଶେଶ୍ୱର ବିଶ୍ୱ ପ୍ରକାଶ ରାୟ । ଏଥି ସହିତ ଅନାଦୟ ୨ମାସ ଅଧିକ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା କୁ ସରକାରୀ ଓକିଲ କୁଳମଣି ନାୟକ ଓ ଅତିରିକ୍ତ ସରକାରୀ କ୍ୟାଡର ଓକିଲ ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଛନ୍ତି।

ନିଆରା ଢଙ୍ଗରେ ମୁଣ୍ଡନ କାର୍ଯ୍ୟକ୍ରମ ପାଳନ

ଗଞ୍ଜାମ, ୧୦।୨:(ମନ୍ଥନ)ବର୍ଷକୁ ବର୍ଷ ଗ୍ରୀଷ୍ମ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଥିବା ବେଳେ ଜୀବ ଜଗତ ପାଇଁ ପରିବେଶ ବିପଦ ସୃଷ୍ଟି ର ଆଶଙ୍କା ରହିଛି । ଯାହାକୁନେଇ ପୁତ୍ରର ମୁଣ୍ଡନ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ କରି ସମାଜକୁ ସଚେତନତା ବାର୍ତ୍ତା ଦେଇଛନ୍ତି ପରିବାର ବର୍ଗ । ଗଞ୍ଜାମ ବ୍ଲକ ର ଲୁଙ୍ଗୁରୀ ଗ୍ରାମର ବାବୁ ମହାରଣା ଓ ପ୍ରଭାତି ମହାରଣା ତାଙ୍କ ପୁତ୍ରର ପ୍ରତିଦିପ ର ମୁଣ୍ଡନ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ମା ରାମଚଣ୍ଡୀ ପୀଠରେ ବୃକ୍ଷ ରୋପଣ କରି ପରିବେଶ ସବୁଜ ସୁନ୍ଦର କରି ଗଢି ତୋଳିବା ପାଇଁ ସମାଜକୁ ସଚେତନତା ବାର୍ତ୍ତା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ଏନଏସି ଅଧ୍ୟକ୍ଷା ପ୍ରତିନିଧି ବିନୋଦ ଚନ୍ଦ୍ର ପାଢ଼ୀ, ବରିଷ୍ଠ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ,ପୂର୍ବତନ ସମିତିସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡି, ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, କାଉନସିଲର ଅରୁଣ ପଣ୍ଡା,ସମାଜସେବୀ ନିରାକାର ମହାରଣା ପ୍ରମୁଖ ସହ ଅନ୍ୟ ମାନ୍ୟଗଣ୍ୟ ବିଶେଷ ମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିବା ସହ ଶିଶୁ ପୁତ୍ରର ଉଜ୍ଜଳ ଭବିଷତ କାମନା କରିଥିଲେ ।

ନିଦ୍ୱନ୍ଦ୍ୱରେ ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ନିର୍ବାଚନ ଶେଷ

ଅନୁଗୋଳ, ୧୦।୨:(ମନ୍ଥନ)ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର କଦମ ପଡିଅ। ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ଠାରେ ଚଳିତ ମାସ ୧୩ ତାରିଖ ଦିନ ପରିଚାଳନା କମିଟିର(୭ ଜଣ ସଦସ୍ୟ ବିଶିଷ୍ଟ) ସଦସ୍ୟ ଚୟନ ପ୍ରକ୍ରିୟା ପାଇଁ ନିର୍ବାଚନ ନିମନ୍ତେସମୋବାର ଦିନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରଯାଇଥିଲା । ଏଥିରେ ସଭାପତି, ଉପସଭାପତି-୨ଜଣ,ସମ୍ପାଦକ, ଯୁଗ୍ମ ସମ୍ପାଦକ-୨ଜଣ ଓ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ବର୍ତ୍ତମାନ ଜିଲ୍ଲା କ୍ରିକେଟ ସଂଘର ପରିଚାଳନା କମିଟିର ସମପଦାଧାକାରୀ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ ଯ ଏହି ନିର୍ବାଚନରେ ସଭାପତି ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ପୁନର୍ବାର ଦ୍ୱିତୀୟନିର୍ଦ୍ଦ୍ୱରେ ବିଜୟୀ ହେବା ସହ ପରିଚାଳନା କମିଟିର ଉପସଭାପତି ଭାବେ ପ୍ରଭାତ କୁମାର ସିହ୍ନା ଓ ଅରୁଣ କୁମାର ପୁଷପାଳକ, ସାଧାରଣ ସମ୍ପାଦକ ଭାବେ ସାଗରନାଥ ମିଶ୍ର, , ଯୁଗ୍ମ ସମ୍ପାଦକ ଭାବେ ଗଙ୍ଗାଧରପଟ୍ଟନାୟକ ଓ ସତ୍ୟେନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ରଞ୍ଜନ କୁମାର ଧୀରସାମନ୍ତ ଙ୍କ ସମସ୍ତେ ନିର୍ଦ୍ଦ୍ୱରେ ବିଜୟୀ ହୋଇଥିଲେ ।ଶ୍ରୀଯୁକ୍ତ ପ୍ରଧାନଏହି ବିଜୟ ପାଇଁ ସଙ୍ଘର ସମସ୍ତ ସଦସ୍ୟଙ୍କୁ ଶ୍ରେୟ ଦେଇଥିଲେ । ଅନୁଗୋଳ ଜିଲ୍ଲା କ୍ରିକେଟରେ ଏକ ବୈପ୍ଳବିକ ପରିବର୍ତ୍ତନ ହେବା ନେଇଆସ ପ୍ରକଟ କରିଥିଲେ । ସଂଘର ଏହି ନିର୍ବାଚନ କାର୍ଯ୍ୟକୁ ଅନୁଗୋଳ ଓକିଲ ସଂଘର ନିର୍ବାଚନ ଅଫିସର ବରିଷ୍ଠ ଆଇନଜୀବୀ ଭୁପେଶ ଚନ୍ଦ୍ର ପ୍ରଧାନ ତଥା ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ନିର୍ବାଚନ ଅଫିସରଙ୍କ ସହ ଏହି ନିର୍ବାଚନରେ ତାଙ୍କୁ ସହଯୋଗ କରିଥିଲେ ଆଇନଜୀବୀପ୍ରଶାନ୍ତ ରଥ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣର ପ୍ରତିବାଦ

କେନ୍ଦ୍ରାପଡ଼ା, ୧୦।୨:(ମନ୍ଥନ)ଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯିବା ପ୍ରତିବାଦରେ ମଙ୍ଗଳବାର କେନ୍ଦ୍ରାପଡା ସହରର ପୁରୁଣାବସଷ୍ଟାଣ୍ଡରେ କୃଷି ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୂତଳିକା ଦାହ କରାଯାଇଛି। ଜିଲ୍ଲା କଂଗ୍ରେସ କିଷାନ ସେଲ ସଭାପତି ଜୟଦେବ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ମହମ୍ମଦ ଆକବର ଅଲ୍ଲୀ, ଭାଗିରଥି ଜେନା, ସନ୍ତୋଷ କୁମାର ବେହୁରା, ବିଧୁଭୂଷଣ ମହାପାତ୍ର, ଦିଲ୍ଲିପ ପ୍ରଧାନ, ହିମାଂଶୁଭୂଷଣ ନନ୍ଦ, ଗୌରାଙ୍ଗ ଖଟୁଆ, ବିଜୟ ମଲିକ, ରଶ୍ମୀରଞ୍ଜନ ଚୌଧୁରୀ, ପ୍ରଭାତ ରାଉତ, ରଞ୍ଜନ ରାଉତ, ନାରାୟଣ ରାଉତ, ପ୍ରଦିପ ରାଉତ, ଉମେଶ ପାଢୀ ପ୍ରମୁଖ ଯୋଗଦେଇ ବିଜେପି ସରକାରର କୃଷକମାରଣ ନୀତିକୁ ସମାଲୋଚନା କରିବା ସହିତ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ କୁଶପୂତଳିକା ଦାହ କରିଥିଲେ।

ହାଟସାହି ପଞ୍ଚାୟତ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ପିପିଲି, ୧୦।୨:(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ ପି ଏମ ଶ୍ରୀ ହାଟସାହି ପଞ୍ଚାୟତ ନୋଡାଲ ହାଇସ୍କୁଲ ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସୁଶ୍ରୀସଂଗୀତା ମହାପାତ୍ର ଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର ତାରାନୁମ ନଫିସ ,ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠି, ସ୍ଥାନୀୟ ସରପଞ୍ଚ ଗଣେଶ ବେହେରା, ବିଦ୍ୟାଳୟ କମିଟି ସଭାପତି ପ୍ରହ୍ଲାଦ ରାଉତ ଏବଂ ସମାଜସେବୀ ମହମ୍ମଦ ଅଲି ବାବୁଲାଲ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ବହି ପାଠ ସହିତ ଯୋଗ, ପ୍ରାଣାୟାମ, ଖେଳ ଆଦି କରିବା ସହିତ ପ୍ରତ୍ୟକ ଜଣେ ଜଣେ ଭଲ ମଣିଷ ହୋଇ ନିଜକୁ ଗଢି ତୋଳିବା ପାଇଁ ଅତିଥିମାନେ ପରାମର୍ଶ

ଦେଇଥିଲେ । ଶିକ୍ଷକ ସଂଘ ନେତା ବିକ୍ରମ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୂର୍ବରୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଆସନ୍ତା ମାସରେ ଅବସର ନେବାକୁ ଯାଉଥିବା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, ଶିବ ପ୍ରସାଦ ଛାଟୋଇ ଏବଂ ସରୋଜିନୀ ମିଶ୍ର ଙ୍କୁ ନିଜର କର୍ତ୍ତବ୍ୟ ନିଷ୍ଠତା ପାଇଁ ବିଦ୍ୟାଳୟ ପକ୍ଷରୁ ସେମମାନଙ୍କୁ ଅତିଥି ମାନଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଅଜୟ ବାରିକ, ଶ୍ରୀକାନ୍ତ ମହାପାତ୍ର, ସ୍ୱାଗତିକା ସାମନ୍ତରାୟ, ପ୍ରିୟଙ୍କା ପଟ୍ଟନାୟକ ଏବଂ ଅର୍ଚ୍ଚନା ବଳିୟାରସିଂ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲ ।

କୁଚିଣ୍ଡା ରେ ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

କୁଚିଣ୍ଡା, ୧୦।୨:(ମନ୍ଥନ)କୁଚିଣ୍ଡା ବ୍ଲକ ସମ୍ମିଳନୀ ଗୃହ ଠାରେ ବାଲ୍ୟ ବିବାହ ଓ କିଶୋରୀ ସଶକ୍ତିକରଣ ପାଇଁ ଏକ ଟାସ୍କ ଫୋର୍ସ ସମିତି ର ବୈଠକ ଆୟୋଜନ କରାଯାଇଥିଲାୟ ଜୟନ୍ତ ସାହୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିଲେ । କୁଚିଣ୍ଡା ବ୍ଲକ ରେ କିପରି ଭାବରେ ଶିଶୁ ମାନଙ୍କୁ ସୁରକ୍ଷା ଦିଆଯିବ ଓ ବାଲ୍ୟ ବିବାହ ମୁକ୍ତ କରିବୟ ପାଇଁ ସମସ୍ତଙ୍କର ଅବଦାନ ସମ୍ପର୍କ ରେ ଆଲୋକପାତ କରିଥିଲେ । କାନ୍ତି କୌସକି ହେମ୍ରମ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଶ୍ରୀମତୀ ସୁନୀତା ତ୍ରିପାଠୀ ଜିଲ୍ଲା ସଂଜୋଜିକା ଏଡ.ଏଟ.ଅ।କ୍ସନ ବ୍ଲକ ଶିଶୁ ସୁରକ୍ଷା ସମିତି ର ଲକ୍ଷ୍ୟ ଓ ସମ୍ବଲପୁର ଜିଲ୍ଲା ରେ ନିଅ। ଯାଇଥିବା ବିଭିନ୍ନ ପଦେକ୍ଷପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଇଶ୍ୱର ମୁଣ୍ଡା ମେଡ଼ିକାଲ ଅଫିସର କୁନ୍ତରା କିଶୋରୀ ବାଳିକା ମାନଙ୍କୁ ସଚେତନତା କରିବା ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । କୁଚିଣ୍ଡା ଆଇ.ଆଇ.ସି ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଶିଶୁ ମାନଙ୍କର ସୁରକ୍ଷା ପ୍ରଦାନ କରିବ । ପାଇଁ ସମସ୍ତଙ୍କର ଭୂମିକା ସମ୍ପର୍କ ରେ ଆଲୋଚନା କରିଥିଲେ । ସୁନୀତା ପୁରୋହିତ ପ୍ରୋଗ୍ରାମ ଅଫିସର ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ । କୁଚିଣ୍ଡା ଏବିଡିଓ ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ସମସ୍ତଙ୍କର ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଅଙ୍ଗନୱାଡ଼ି କର୍ମୀ,ସରପଞ୍ଚ,କିଶୋରୀ ବାଳିକା , ସୁପର୍ଭାଇଜର ମାନେ ଯୋଗ ଦାନ ଦେଇଥିଲେ । ସରିତା ମହାପାତ୍ର ଓ ଅନନ୍ୟା ନାୟକ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ର ସାହୋଜଗ କରିଥିଲେ । ଶ୍ରୀମତୀ ଯମୁନା ବାଘ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଜାତୀୟ ପେନସନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଯାଜପୁର, ୧୦।୨:(ମନ୍ଥନ)ଯାଜପୁର ରୋଡ ସ୍ଥିତ ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରଠାରେ ଓଡିଶା ସରକାରଙ୍କ ଅର୍ଥ ବିଭାଗ ତଥା କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ଭୁବନେଶ୍ୱରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ରୋଡ ସ୍ୱତନ୍ତ୍ର କୋଷାଗାର ଦ୍ୱାରା ଏକ ଜାତୀୟ ପେନସନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ଡିଡିଓ ଏବଂ ପେନସନ ଭୋକ୍ତାମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଯାଜପୁର ରୋଡ ସ୍ଥିତ ସ୍ୱତନ୍ତ୍ର କୋଷାଗାର ଅଧିକାରୀ ଶ୍ରୀ ବ୍ରହ୍ମାନନ୍ଦ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଲଳିତା ସାହୁ, ଅତିରିକ୍ତ କୋଷାଗାର ଅଧିକାରୀ, ଆକାଉଣ୍ଟ ଅଧିକାରୀ ଶ୍ରୀମତୀ ରାଜଲକ୍ଷ୍ମୀ ବେହେରା, ଶ୍ରୀମତୀ ଶୋଭନା ଲେଙ୍କା ଏବଂ ଶ୍ରୀ ବିଭୁ ପ୍ରସାଦ ଜେନା ଉପସ୍ଥିତ ରହି ଜାତୀୟ ପେନସନ ଯୋଜନା ଉପରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଯାହା ଫଳରେ ଜାତୀୟ ପେନସନ ଉପରେ ଥିବା ସନ୍ଦେହ ଦୂର ହୋଇପାରିଥିଲା ।ସେହିପରି ଯାଜପୁର ଜିଲ୍ଲା କୋଷାଗାରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କୋଷାଗାର ଅଧିକାରୀ ଶ୍ରୀ ଦୀପ୍ତିମାନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଗାର ନିର୍ଦ୍ଦେଶାଳୟର ରିସୋର୍ସ ପର୍ସନମାନେ ଯୋଗ ଦେଇଥିଲେ। ଏଥିରେ ୧୦୦ ରୁ ଉର୍ଦ୍ଧ୍ୱ ଡିଡିଓ ଉପସ୍ଥିତ ଥିଲେ । ଅତିରିକ୍ତ କୋଷାଗାର ଅଧିକାରୀ ଶ୍ରୀମତୀ ସ୍ୱର୍ଣଲତା ସଏ, ସୁମିତ କୁମାର ଅଗ୍ରୱାଲ ଓ ବରିଷ୍ଠ ହିସାବ ରକ୍ଷକ ଉପେନ୍ଦ୍ର କୁମାର ରାଉତରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ୯ ତାରିଖରୁ ୧୩ ଫେବୃଆରୀ କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର ତଥା ଉପକୋଷାଗାରମାନଙ୍କରେ ନୂତନ ଜାତୀୟ ପେନସନ ଉପରେ ସପ୍ତାହ ବ୍ୟାପୀ ସଚେତନତା ପ୍ରଶିକ୍ଷଣ ଅନୁଷ୍ଠିତ ହେଉଅଛି ।

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସଂପର୍କ ତରଫରୁ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର

ପୁରୀ, ୧୦।୨:(ମନ୍ଥନ)ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସଚେତନତା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂପର୍କ ତରଫରୁ ଏକ ମହତ୍ତ୍ୱପୂର୍ଣ୍ଣ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ଶିବିର ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଶିବିରରେ ଯୋଡ଼ା ବେଦନା ଓ ଗୁଠିଆ (ଆର୍ଥ୍ରାଇଟିସ୍), ଗ୍ୟାସ୍, ଅଜୀର୍ଣ୍ଣ, କବଜ, ମଧୁମେହ (ଡାୟାବେଟିସ୍), ଉଚ୍ଚ ରକ୍ତଚାପ, ନିଦ୍ରାହୀନତା, ମାନସିକ ଚାପ, ସ୍ମୃତିଶକ୍ତି ହ୍ରାସ ଓ ସାଧାରଣ ଦୁର୍ବଳତା ରହିଥିଲା ବିଭିନ୍ନ ପ୍ରକାରର ବାତ ଭଳି ରୋଗଗୁଡ଼ିକର ଆୟୁର୍ବେଦ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହା ସହ ନାଡ଼ି ପରୀକ୍ଷା, ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ, ବୋନ୍ ମିନେରାଲ୍ ଡେନସିଟି,ରକ୍ତ ଶର୍କରା, ବଡି ମାସ୍ ଇଣ୍ଡେକ୍ସ ପରୀକ୍ଷା କରାଯାଇଥିଲା । ଆହାର, ବିହାର ଓ ଜୀବନଶୈଳୀ ସମ୍ପର୍କିତ ଉପକାରୀ ପରାମର୍ଶ ମଧ୍ୟ ବରିଷ୍ଠ ନାଗରିକମାନଙ୍କୁ ଦିଆଯାଇଥିଲା । ଏହି ଶିବିରକୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଡାକ୍ତର ବିପିନ ବିହାରୀ ଖୁଣ୍ଟିଆ , ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ନାରାୟଣ ଚନ୍ଦ୍ର ଦାଶ , ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଶିବିରର ଉଦଘାଟନ କରିଥିଲେ । ଶିବିରରେ କାୟା ଚିକିତ୍ସା ବିଭାଗର ପ୍ରଧାପିକା ଡାକ୍ତର ସୋନାଲିକା ଜେନାଙ୍କ ସହିତ ଡାକ୍ତର ଭାରତୀ ଲତା ଆଚାର୍ଯ୍ୟ, ଡାକ୍ତର ସୂର୍ଯ୍ୟକାନ୍ତ ପୃଷ୍ଟି, ଡାକ୍ତର ଶିବାନୀ ଦାସ, ଡାକ୍ତର ସୁନନ୍ଦିତା ପ୍ରଧାନ, ଡାକ୍ତର ଜ୍ୟୋତ୍ସ୍ନାମୟୀ ପାଲ, ଡାକ୍ତର ଦିଗମ୍ବର ନାୟକ, ଡାକ୍ତର ସୌମ୍ୟଦତ୍ତ ସାମନ୍ତରାୟ, ଡାକ୍ତର ସତ୍ୟ ନାରାୟଣ ସାହୁ, ଡାକ୍ତର ସନ୍ଧ୍ୟା ବାହାଲିଆ, ଡାକ୍ତର ଇପ୍ସିତା ଜେନା ଓ ଡାକ୍ତର ସ୍ୱାଗତ ଦତ୍ତ ଆଦି ଅନୁଭବୀ ଆୟୁର୍ବେଦ ଡାକ୍ତରମାନେ ୧୪୫ ରୁ ଅଧିକ ବରିଷ୍ଠ ନାଗରିକ ମାନଙ୍କୁ ସେବା ପ୍ରଦାନ କରିଥିଲେ । ସଂପର୍କ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଶିବିରର ପରିଚାଳନା କରି ବରିଷ୍ଠ ନାଗରିକମାନଙ୍କୁ ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ଆୟୁର୍ବେଦକୁ ଆପଣାଇବାକୁ ଆହ୍ୱାନ ଜଣାଇଥିଲେୟ ଶୁଭ ପ୍ରସାଦ ଶର୍ମା, ବିଶ୍ୱଜିତ ମିଶ୍ର ,ରାକେଶ କୁମାର ବାରିକ ଓ ଅଶୁଜିତ ମହାପାତ୍ର ମଧ୍ୟ କାର୍ଯ୍ୟକ୍

ବୁଧବାର, ୧୧ ଫେବୃଆରୀ ,୨୦୨୬ ଭୁବନେଶ୍ୱର
WEDNESDAY, 11 FEBRUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଆମେରିକାର ଘେରାବନ୍ଦୀରୁ ମୁକ୍ତି ପାଇଁ ୟୁରୋପର ପ୍ରୟାସ

ସୌମେନ୍ଦ୍ର ଜେନା

ଆମେରିକାର ସୃଷ୍ଟି ୟୁରୋପର ଜନସଂଖ୍ୟାକୁ କେନ୍ଦ୍ରକରି ସତ । ଆମେରିକାକୁ ନିରନ୍ତର ସମର୍ଥନ ୟୁରୋପ କରିଆସିଛି ସତ । ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ କ୍ଷତିଗ୍ରସ୍ତ ୟୁରୋପର କାନ୍ଧରେ ବସିବା ଦିନଠାରୁ ଆଜିଯାଏଁ ଆମେରିକା ବିଶ୍ୱକୁ ନାଲିଆଖି ଦେଖାଇ ଆସିଛି । ୟୁରୋପକୁ ସୁରକ୍ଷା ଦେବାର ବିଶ୍ୱାସ ଦେଖାଇ ରୁଷିଆର ଭୟକୁ ସାମ୍ନାରେ ରଖି ରକ୍ତଶୋଷି ଆସିଛି । ଯେମତି ୟୁରୋପର ଶକ୍ତିଶାଳୀ ରାଷ୍ଟ୍ର ଜର୍ମାନୀର ସେନାସଂଖ୍ୟାରେ କଟକଣା, ଯୁଦ୍ଧାସ୍ତ୍ର ନିର୍ମାଣରେ କଟକଣା ଯୋଗୁ ଏକଦା ୫ଲକ୍ଷ ସେନାଥିବା ଜର୍ମାନୀର ସୈନ୍ୟଶକ୍ତି ବିଗତ ୭୫ବର୍ଷରେ ହ୍ରାସ ପାଇଁ ଏବେ ଦୁଇଲକ୍ଷରୁ କମ୍ ରହିଛି । ସେମିତି ବ୍ରିଟେନ ଏକଲକ୍ଷ ୮୪ହଜାର, ପୋଲାଣ୍ଡ ଦୁଇଲକ୍ଷ, ଫ୍ରାନ୍ସ ଦୁଇଲକ୍ଷ, ଇଟାଲୀ ଏକଲକ୍ଷ ୭୧ହଜାର, ଗ୍ରୀସ ୧ଲକ୍ଷ ୧୦ହଜାର ସେନାକୁ ନେଇ ରହିଛନ୍ତି । ଅନ୍ୟପକ୍ଷରେ ତୁର୍କୀର ସାଢେ ତିନିଲକ୍ଷ ସେନା ରହିଛନ୍ତି । ମୁନଷ୍ଟରଠାରେ ଆମେରିକା, ଡେନମାର୍କ, ନରୱେ, ସ୍ୱେନ, ଇଟାଲୀ, ବ୍ରିଟେନ ସମେତ ଅନ୍ୟାନ୍ୟ ନାଟୋ ମେଣ୍ଟ ରାଷ୍ଟ୍ରର ସେନା ମୁତୟନ ଅଛନ୍ତି । ସେମିତି ଫ୍ରାନ୍ସର ଷ୍ଟ୍ରାସବର୍ଗଠାରେ ୟୁରୋକର୍ପସର ପ୍ରାୟ ଏକହଜାର ସେନା ଫ୍ରାନ୍ସ ଓ ଜର୍ମାନୀର ରହିଛନ୍ତି । ଆମେରିକା ସୁରକ୍ଷା ପ୍ରଦାନ ଆଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ନିଜର ପ୍ରତିରକ୍ଷା ସାମଗ୍ରୀ ବିକ୍ରିକରି ଢେର ଲାଭବାନ ହୋଇଛି । ସେମିତି ୟୁରୋପରୁ ଯଥେଷ୍ଟ ବାଣିଜ୍ୟିକ ଲାଭ ପାଇଆସୁଛି । ସେହିପରି ଟେକ୍ନୋଲୋଜୀ କ୍ଷେତ୍ରରେ ମଧ୍ୟ ଆମେରିକା ନିଜ ପ୍ରଭାବକୁ କାଏମ୍ ରଖିଛି । ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ତାଙ୍କ ପ୍ରଥମ ପାଳିର ଦାୟିତ୍ୱ କାଳରେ ୟୁରୋପୀୟ ରାଷ୍ଟ୍ରଗୁଡିକୁ ପ୍ରତିରକ୍ଷା ପାଇଁ ଖର୍ଚ୍ଚ ବୃଦ୍ଧି କରିବାକୁ କହିଥିଲେ । ଏବେ ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ରୁଷିଆର ଭୟ ଦେଖାଇ ୟୁରୋପୀୟ ରାଷ୍ଟ୍ରଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବା ଲକ୍ଷ୍ୟରେ ଭୟଭୀତ କରିବାକୁ ଯାଇ ଗ୍ରୀନଲାଣ୍ଡକୁ ଦଖଲ କରିବା ଲାଗି ଘୋଷଣା କରିସାରିଛନ୍ତି । କହିବାକୁ ଗଲେ ୟୁରୋପକୁ ରୁଷିଆଠାରୁ ଦୂରେଇ ରଖିବା ଆଳରେ ଆମେରିକା ନିଜର ଆର୍ଥିକ ସ୍ୱାର୍ଥ ପୂରଣ କରିଆସିଛି । ସିରିଆ, ଇରାକ, ଆଫଗାନିସ୍ଥାନରେ ଯୁଦ୍ଧକରି ଆମେରିକା ଯେଉଁ ଅସ୍ଥିରତା ସୃଷ୍ଟି କଲା ତାର ଫଳସ୍ୱରୂପ ଜିହାଦି ଶରଣାର୍ଥୀମାନଙ୍କୁ ୟୁରୋପରେ ଥଇଥାନ କରିବାକୁ ଚାପ ସୃଷ୍ଟିକଲା । ଫଳରେ ଲକ୍ଷଲକ୍ଷ ମୁସଲିମ ଲୋକେ ୟୁରୋପରେ ପ୍ରବେଶ କରି ଏବେ ଧ୍ୱଂସଲୀଳା ଚଳାଇଛନ୍ତି । ୟୁରୋପର ଆଇନଗତ ଦୁର୍ବଳତାର ସୁଯୋଗ ନେଇ ମୁସଲିମମାନେ ସେଠାରେ ନିଜର ଏଜେଣ୍ଡା ଚଳାଇବାକୁ ସଫଳ ହୋଇଛନ୍ତି । ନ୍ୟୟର୍କଠାରୁ ଲଣ୍ଡନ ପର୍ଯ୍ୟନ୍ତ ଜିହାଦିଙ୍କ ସମର୍ଥନକାରୀ ମୁସଲିମ ନେତା ମେୟର ହୋଇଛନ୍ତି, ଯାହା ଆଗାମୀ ଦିନରେ ୟୁରୋପକୁ କ୍ଷତିଗ୍ରସ୍ତ କରିବ । ତେଣୁ ଇସଲାମିକ ଜିହାଦର ବିରୁଦ୍ଧରେ ଦୀର୍ଘ ଦେଢ ହଜାର ବର୍ଷ ଧରି ଲଢୁଥିବା ଭାରତ ସହ ସଂପର୍କ ବୃଦ୍ଧିକରି ଟୋପିବାଜୀ ଷଡଯନ୍ତର ବିରୋଧ କରିବାକୁ ୟୁରୋପର ନେତାମାନେ ଆଗେଇଛନ୍ତି । ଏହି କ୍ରମରେ ଇଟାଲୀର ଜର୍ଜିଆ, ମେଲୋନୀଙ୍କଠାରୁ ଆରମ୍ଭକରି ଜର୍ମାନୀ ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ମଧ୍ୟ ସାମିଲ ହୋଇଛନ୍ତି । କାରଣ ଟ୍ରମ୍ପ ଆମେରିକାର ଦୋଷକୁ ଗ୍ରହଣ ନକରି ଏହି ମାମଲାରେ ୟୁରୋପର ନେତାମାନଙ୍କୁ ସମାଲୋଚନା କରି ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି । ୟୁରୋପକୁ ଦୀର୍ଘଦିନ ଧରି ହାତବାରିସୀ କଲାପରେ ଟ୍ରମ୍ପ ଏବେ ୟୁରୋପକୁ ନିଜ ଆଙ୍ଗୁଠିରେ ନଚାଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ, ବେଲଜିୟମ ଆଦି ରାଷ୍ଟ୍ରର ନେତାମାନେ ସିଧାସଳଖ ବିରୋଧ କରୁଛନ୍ତି ।

ମୋଦିଙ୍କ ମୌନକୂଟନୀତିକୁ କେନ୍ଦ୍ରକରି ଏବେ ଅଧିକ ଆଲୋଚନା ହେଉଛି । ୟୁକ୍ରେନ-ରୁଷିଆ ମଧ୍ୟରେ ଭାରତର ତେଲ କିଣା ହେଉ, ମଣିପୁର ହିଂସାକାଣ୍ଡ ହେଉ ଅଥବା ଟ୍ରମ୍ପଙ୍କ ପାକ୍ ସଂକ୍ରାନ୍ତରେ ସମାଲୋଚନା- ଏସବୁ ମାମଲାରେ ଭାରତର ପ୍ରଧାନମନ୍ତ୍ରୀ ଖୋଲାଖୋଲି କିଛି କହିବା ଦରକାର ବୋଲି ଅନେକ ସମାଲୋଚକ କହିଆସିଛନ୍ତି । ଦେଖାଯାଉଛି ଯେ ମୋଦି ନିଜେ ଚୁପ୍ ରହି ଉତ୍ତର ଦେବାଲାଗି ଅନେକ ବିଷୟରେ ବିଦେଶମନ୍ତ୍ରୀ ଜୟଶଙ୍କର କିମ୍ବା ଅନ୍ୟନେତାଙ୍କୁ ସାମ୍ନାକୁ ଛାଡୁଛନ୍ତି । ଅତୀତ ଦିନମାନଙ୍କରେ ୟୁରୋପର ସମାଲୋଚନାର ଉତ୍ତର ଜୟଶଙ୍କର ବହୁ ଭଲଭାବେ ଦେଇଥିଲେ । ଆମେରିକାର ଚାପ କିମ୍ବା ନିର୍ଦ୍ଦେଶରେ କଥା ନକହି ସମସ୍ୟାର ସମାଧାନ ପାଇଁ କହିବା ଦରକାର ବୋଲି କହିଥିଲେ । କହିବାକୁ ଗଲେ ମୋଦିଙ୍କ ଏହି ମଉନ ରହିବା ନୀତି ଭାରତର ବିକାଶପାଇଁ ସହାୟକ ହୋଇଛି । ସେ ମୌନରହି ଆମେରିକାର ଅଯଥା ଦାବିକୁ ମିଥ୍ୟା ବୋଲି ପ୍ରମାଣିତ କରିସାରିଛନ୍ତି । ଟ୍ରମ୍ପଙ୍କ ବ୍ରାଜିଲ, ଭାରତ ସମେତ ଅନେକରାଷ୍ଟ୍ର ବିରୋଧରେ ବିଷୋଦଗାର ଏବଂ ଶୁଲ୍କ ଲାଗୁ କରିବା ନୀତି ଯୋଗୁ ବହୁରାଷ୍ଟ୍ର ଏବେ ଆମେରିକାର ବିରୋଧୀ ହୋଇଛନ୍ତି, ଆମେରିକା ଉପରୁ ବିଶ୍ୱାସ ହରାଇଛନ୍ତି । ୟୁରୋପୀୟ ରାଷ୍ଟ୍ର ସମୂହ ଏବଂ ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ତନ୍ମଧ୍ୟରେ ରହିଛନ୍ତି । ଆମେରିକା ସହ ସଂପର୍କ ଖରାପ ହେବାପରେ ୟୁରୋପର ଯେଉଁ ବାଣିଜ୍ୟିକ କ୍ଷତି ହେବ ତାର ଭରଣା ପାଇଁ ସେମାନେ ଭାରତ ସହ ଖୁବଶିଘ୍ର ବୁଝାମଣା କରିବାକୁ ସ୍ଥିର କଲେ । କାରଣ ଏବେ ଆର୍ଥିକ ବିକାଶ ଦୃଷ୍ଟିରୁ ଭାରତର ବିକାଶ ହାର ଅନ୍ୟମାନଙ୍କ ତୁଳନାରେ ଢେର ଆଗରେ ରହିଛି । ବଜାର ମଧ୍ୟ ଏକପ୍ରକାର ସ୍ଥିର ଓ ବିକାଶମୁଖୀ ଅବସ୍ଥାରେ ରହିଛି । ଏଥିରୁ ଲାଭ ଉଠାଇବା ପାଇଁ ୟୁରୋପୀୟ ସଂଘ ଚାହିଁଲା ।

ସ୍ୱିଜରଲାଣ୍ଡରେ ଅନୁଷ୍ଠିତ ଜାନୁଆରୀ ମାସର ଡାଭୋସ ଆଲୋଚନାରେ ଟ୍ରମ୍ପଙ୍କ ବିରୋଧରେ ୟୁରୋପୀୟ ନେତୃବୃନ୍ଦଙ୍କ ସମାଲୋଚନା ଦୃଷ୍ଟିକୁ ଆସିଥିଲା । ଆମେରିକାର ପଡୋଶୀ ଏବଂ ସହଯୋଗୀ ରାଷ୍ଟ୍ର କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଟ୍ରମ୍ପଙ୍କୁ ଧମକ ଦେବାସହ କଠୋର ସମାଲୋଚନା କରିଥିଲେ । ଆଇଏମ୍ଏଫ୍‌ର କ୍ରିଷ୍ଟାଲିନା ଜର୍ଜିଏଭା ଏବଂ ୱର୍ଲ୍ଡ ଇକୋନୋମିକ ଫୋରମର ଅଧ୍ୟକ୍ଷ ବୋର୍ଗେ ବ୍ରେଣ୍ଡେ ଆମେରିକା ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଦେଇଥିଲେ । ୟୁରୋପୟ ୟୁନିଅନର ଅଧ୍ୟକ୍ଷ ଏଣ୍ଟୋନିଓ କୋଷ୍ଟା, ୟୁରୋପୀୟ ୟୁନିଅନ କମିଶନର ଅଧ୍ୟକ୍ଷା ଉର୍ସୁଲା, ଉପାଧ୍ୟକ୍ଷା କାଜା କାଲ୍ଲାସ ପ୍ରମୁଖ ଡାଭୋସ ଆଲୋଚନା ସମୟରେ ଆମେରିକାକୁ ସମାଲୋଚନା କରିବା ସହ ଭାରତ ସହ ୟୁରୋପୀୟ ସଂଘ ବିଶ୍ୱର ସର୍ବବୃହତ ବାଣିଜ୍ୟିକ ବୁଝାମଣା କରିବାକୁ ଯାଉଥିବା ସଂକ୍ରାନ୍ତରେ ସୂଚନା ଦେଇଥିଲେ । ତା ପୂର୍ବରୁ ଜାନୁଆରୀ ମାସରେ ଭାରତ ଗସ୍ତରେ ଆସିଥିବା ଜର୍ମାନୀର ଚାନସେଲର ଫ୍ରେଡେରିକ ମର୍ଜ ମଧ୍ୟ ଯଥାସମ୍ଭବ ଦ୍ୱିପାକ୍ଷିକ ବୁଝାମଣା ଶେଷ ହେବା ସପକ୍ଷରେ ମତ ଦେଇଥିଲେ । ତାଙ୍କ ବକ୍ତବ୍ୟରୁ ୟୁରୋପୀୟ ୟୁନିଅନ ସବୁ କିଛି ଠିକ୍ କରିସାରିଥିବା ମନେ ହେଉଥିଲା , ଯାହା ୨୭ ଜାନୁଆରୀ ଦିନ ଶେଷ ହେଲା ।

ୟୁରୋପୀୟ ସଂଘ ସହ ଭାରତର ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ସଚିବ ରାଜେଶ ଅଗ୍ରୱାଲ ବହୁ ପରିଶ୍ରମ କରିଥିଲେ । ଉର୍ସୁଲା ଏବଂ କୋଷ୍ଟାଙ୍କ ପାଇଁ ଲାଲକାର୍ପେଟ ବିଛାଇ ସ୍ୱାଗତ କରାଯାଇଥିଲା । ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ପରେଡକୁ ଦୁଇନେତାଙ୍କୁ ଅତିଥି କରିବା ସହ ଭାରତର ସୈନ୍ୟ ଶକ୍ତି ଓ ଅସ୍ତ୍ରଶକ୍ତିର ପ୍ରଦର୍ଶନ କାଳରେ ସେମାନଙ୍କୁ ପରିଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ପ୍ରତ୍ୟେକଟି ପ୍ରତିରକ୍ଷା ସାମଗ୍ରୀ ପରେଡରେ ଯିବା ସମୟରେ ତା ସଂପର୍କରେ ୟୁରୋପୀୟ ନେତାମାନଙ୍କୁ ବୁଝାଉଥିଲେ । ଅପରେସନ ସିନ୍ଦୂର ମଡେଲରେ କିପରି ଭାରତର ବାୟୁସେନା ପାକ୍‌ରେ ଥିବା ଚୀନର ରାଡାର ଏବଂ ଆମେରିକାର ଏଫ୍-୧୬ ଯୁଦ୍ଧ ବିମାନଗୁଡିକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା । ସେ ବିଷୟରେ କହିଥିଲେ । ଏପରିକି ଭାରତର ରକେଟର ମାରକ କ୍ଷମତା, ତୋପ, ରାଡାର, ଟ୍ୟାଙ୍କ, ପ୍ରତିରକ୍ଷା ବ୍ୟବସ୍ଥା ଆଦି କିପରି ଉନ୍ନତମାନର ସେ ବିଷୟରେ ୟୁରୋପୀୟ ନେତାମାନଙ୍କୁ ପରିଚିତ କରାଇଥିଲେ । ଦୁଇ ୟୁରୋପୀୟ ନେତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଖୋଲା ଘୋଡାଗାଡିରେ ପରେଡ ସ୍ଥାନକୁ ନେଇଥିଲେ । ପୂର୍ବରୁ ରାଷ୍ଟ୍ରପତି ଭବନଠାରେ ଦୁଇନେତାଙ୍କୁ ପାଇଁ ଗାର୍ଡ ଅଫ ଅନର ଦିଆଯାଇଥିଲା । ରାଷ୍ଟ୍ରପତି ମଧ୍ୟ ସେମାନଙ୍କ ପାଇଁ ଏକ ଭୋଜୀର ବ୍ୟବସ୍ଥା କରିଥିଲେ, ଯେଉଁଥିରେ ଅନେକ କୂଟନୀତିଜ୍ଞ ଏବଂ ରାଜନେତା ଯୋଗ ଦେଇଥିଲେ । ଭାରତରେ ଆତିଥ୍ୟ ଏବଂ ସମ୍ବର୍ଦ୍ଧନା ପାଇ ୟୁରୋପୀୟ ନେତାମାନେ ବେଶ୍ ଖୁସି ଥିବାର ଦେଖାଯାଇଥିଲା ।

ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା ପରେ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ୟୁରୋପୀୟ କାଉନସିଲ ଅଧ୍ୟକ୍ଷ ତଥା ପର୍ତ୍ତୁଗାଲର ପୂର୍ବତନ ପ୍ରଧାନମନ୍ତ୍ରୀ ଏଣ୍ଟୋନିଓ କୋଷ୍ଟା ନିଜକୁ ଜଣେ ପ୍ରବାସୀ ଭାରତୀୟ କହି ନିଜ ପକେଟରୁ ଭାରତର ପାସପୋର୍ଟ କାଢି ଦେଖାଇଥିଲେ । କୋଷ୍ଟାଙ୍କ ପରିବାର ଏକଦା ଗୋଆର ବାସିନ୍ଦା ଥିଲେ । ଗୋଆ ଭାରତରେ ସାମିଲ ହେବାପରେ ପରେ ତାଙ୍କ ପରିବାର ପର୍ତ୍ତୁଗାଲକୁ ଚାଲିଯାଇଥିଲେ । ସୋସିଆଲିଷ୍ଟ ପାର୍ଟିର କୋଷ୍ଟା ୨୦୧୫ରୁ ୨୦୨୪ଯାଏଁ ପର୍ତ୍ତୁଗାଲର ଶାସନ ଦାୟିତ୍ୱରେ ଥିଲେ । ଗୋଆରେ ତାଙ୍କୁ ସମସ୍ତେ ଆଦରରେ ବାବୁସ୍ ବୋଲି ଡାକିଥାନ୍ତି । ୨୦୧୭ରେ ପ୍ରବାସୀ ଭାରତୀୟ ଭାବେ ତାଙ୍କୁ ସମ୍ମାନୀତ କରାଯାଇଥିଲା ।୨୦୦୫ରେ ଭାରତର ଦୀର୍ଘକାଳୀନ ଭିସା ବିଦେଶରେ ବାସ କରୁଥିବା ଭାରତୀୟ ମୂଳର ଲୋକଙ୍କ ପାଇଁ ଦିଆଯାଇଥିଲା । ହେଲେ ଏଥିରେ କୌଣସି ପ୍ରକାର ରାଜନୈତିକ ଅଧିକାର ମିଳେ ନାହିଁ । କୋଷ୍ଟା ତାଙ୍କ ବକ୍ତବ୍ୟରେ ଦ୍ୱିପାକ୍ଷିକ ବୁଝାମଣାକୁ ସ୍ୱାଗତ କରିବା ସହ ୟୁକ୍ରେନରେ ଶାନ୍ତି ସ୍ଥାପନା ପାଇଁ ଭାରତର ସହଯୋଗ ଲୋଡିଥିଲେ । ଏପରିକି ଆବଶ୍ୟକ ହେଲେ ୟୁକ୍ରେନ ନିଜର ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ଥିବା କଥା ମଧ୍ୟ ସେ ପ୍ରକାଶ କରିଥିଲେ । ୟୁକ୍ରେନରେ ଯୁଦ୍ଧ ବନ୍ଦ କରିବାକୁ ରୁଷିଆକୁ ଭାରତ ପ୍ରଭାବିତ କରିପାରିବ ବୋଲି ୟୁରୋପୀୟ ନେତୃବୃନ୍ଦଙ୍କ ଗଭୀର ବିଶ୍ୱାସ ରହିଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ସାର ସଙ୍କଟର ସମାଧାନ

ଚାଷ ପାଇଁ ବିହନ ଓ ସାରର ପ୍ରୟୋଜନ କେତେ ତାହା ସମସ୍ତଙ୍କୁ ଜଣା ଓ ଚାଷୀଙ୍କୁ ଉନ୍ନତ ମାନର ବିହନ ଓ ସମୟସୀମା ମଧ୍ୟରେ ସାର ଯୋଗାଇଦେବାର ଆବଶ୍ୟକତା ଉପରେ ପ୍ରାଥମିକତା ଦିଆଯିବା ଉଚିତ । ଅନ୍ୟଥା ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ରହିଛି । ଅନେକ ସମୟରେ ଅଭିଯୋଗ ଶୁଣିବାକୁ ମିଳେ ଯେ ଚାଷୀମାନଙ୍କୁ ନିମ୍ନ ମାନର ବିହନ ଦିଆଯାଉଛି, ସେମାନେ ସାର ଅଭାବରୁ ହଇରାଣ ହେଉଛନ୍ତି ଓ ଏଥିପାଇଁ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଉଚ୍ଚ ପଦାଧିକାରୀ,ଜନ ପ୍ରତିନିଧି,ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କ ଉତ୍ତରଦାୟିତ୍ୱ ରହିବା ଦରକାର ଓ ସେମାନଙ୍କର ଅବହେଳା । ଉଦାସୀନ ମନୋଭାବ ଚାଷୀର ମନୋବଳ ଭାଙ୍ଗି ଦିଏ ଓ କୃଷି କ୍ଷେତ୍ର ସହିତ ସମ୍ପୃକ୍ତ ପଦାଧିକାରୀମାନେ ମଧ୍ୟ ଏଥିପାଇଁ ଯେତିକି ତତ୍ପରତା ଦେଖାଇବା କଥା, ତାହା ଦେଖାନ୍ତି ନାହିଁ । ଫଳରେ ସଙ୍କଟ ସୃଷ୍ଟି ହୁଏ ଓ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢେ ଏବଂ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । ଚଳିତ ଖରିଫ ଋତୁରେ ଚାଷୀମାନଙ୍କୁ ଆବଶ୍ୟକ ମୁତାବକ ସାର ମିଳିପାରୁନି । ବିଶେଷ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଚାଷୀଙ୍କୁ ୟୁରିଆ ସାର ଯୋଗାଣରେ ଦେଖାଦେଇଛି ଘୋର ସଙ୍କଟ ଓ ଅନ୍ୟପକ୍ଷରେ ସାରର କଳାବଜାର ଓ ଅପମିଶ୍ରଣ ଯୋଗୁଁ ଚାଷୀ ବହୁ ହଇରାଣ ହେଉଛନ୍ତି । ବିଭିନ୍ନ ଜିଲ୍ଲାରେ ଏପରି ଅଭାବକୁ କେନ୍ଦ୍ରକରି ତେଜିଲାଣି ଆନ୍ଦୋଳନ ଓ ଏହି ପ୍ରସଙ୍ଗ ନେଇ ସରଗରମ ହେଉଛି ରାଜନୀତି । ବଜାରରେ ମିଳୁନି ୟୁରିଆ ସାର ଓ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି କି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ ଓ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ, ଜେ. ପି. ନଡ୍ଡାଙ୍କୁ ଏକ ଚିଠି ଲେଖି ଉଦବେଗ ପ୍ରକାଶ କରିଥିଲେ । ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଉତ୍କଟ ସମସ୍ୟା ଦେଖାଦେଇଛି ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି । ସାର ପାଇଁ ରାଜରାସ୍ତାରେ ଚାଷୀ ଆନ୍ଦୋଳନ ଦେଖାଦେଉଛି ।ତେଣୁ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ୍ୟକୁ ଦୃଷ୍ଟିରେ ରଖି ଆବଶ୍ୟକ ପରିମାଣର ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ନବୀନ ଦୃଢ ଦାବି କରିଛନ୍ତି ଓ କୃଷି ଆମ ଅର୍ଥନୀତିର ଆଧାର ଓ ରାଜ୍ୟର ୭୦ ପ୍ରତିଶତ ଚାଷୀଙ୍କୁ ଏହା ଜୀବିକା ଯୋଗାଇଥାଏ । ବିଗତ ଦୁଇ ଦଶନ୍ଧିରେ ଓଡିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ୨୦୦୦ ପୂର୍ବରୁ ଚାଉଳ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ଓଡିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ଚାଉଳ ଯୋଗାଣରେ ଏକ ପ୍ରମୁଖ ରାଜ୍ୟ ହୋଇପାରିଛି ଓ କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ସାର ବିହନର ଉତ୍ତମ ବଣ୍ଟନ ବ୍ୟବସ୍ଥାରୁ ଚାଉଳ ଉତ୍ପାଦନ ଓ ଯୋଗାଣରେ ଏକ ପ୍ରମୁଖ ରାଜ୍ୟ ହୋଇପାରିଛି ଓ ତେବେ ରାଜ୍ୟରେ ୭.୯୪ ଲକ୍ଷ ଟନ ସାର ମହଜୁଦ ରହିଛି ବୋଲି ସରକାର ଦାବି କରୁଥିବାବେଳେ ଚାଷୀଙ୍କୁ କାହିଁକି ସାର ମିଳୁନି ବୋଲି ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଦଳର ନେତା ଓ ୟୁରିଆ ସରକାରୀ ଦରରୁ ଉଚ୍ଚ ଦରରେ ବିକ୍ରି ହେଉଛି ଓ ଓଡିଶା ସରକାରଙ୍କ ଏଜେନସି, ମାର୍କଫେଡ୍ ଚାଷୀଙ୍କ ବଦଳରେ ଡିଲରଙ୍କୁ ରିହାତି ଦରରେ ସାର ବିକୁଥିବା ଅଭିଯୋଗ ଉଠୁଛି ଓ ସେହିପରି ତାଳଚେର ସାର କାରଖାନାର ଶିଳାନ୍ୟାସ ୨୦୧୮ ମସିହାରେ ହୋଇଥିଲା । ୩୬ ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଘୋଷଣା କରାଯାଇଥିଲା । ଇତିମଧ୍ୟରେ ୭ ବର୍ଷ ବିତିଗଲାଣି । କାରଖାନା କାର୍ଯ୍ୟକ୍ଷମ ହୋଇନପାରିବା ନିହାତି ଦୁଃଖର ବିଷୟ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳର ନେତା ଓ ସାରକୁ ନେଇ ଆରୋପ - ପ୍ରତ୍ୟାରୋପ ମଧ୍ୟ ତେଜୁଛି । ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିରୋଧୀ ଦଳ ଶାସନ ସମୟରେ ସାର ଯୋଗାଣରେ ବହୁ ବିଳମ୍ବ । ବ୍ୟାପକ ଅନିୟମିତତାର ଅଭିଯୋଗ ଉଠୁଥିଲା ଓ ଏବେ ନିମ ତେଲ ମିଶ୍ରିତ ୟୁରିଆ ଦିଆଯାଉଛି ଓ ସମବାୟ ବିଭାଗ ଏ ନେଇ ଆବଶ୍ୟକ ପଦକ୍ଷେପ ନେଉଥିବା ଶ୍ରୀ ସାମଲ ପ୍ରକାଶ କରିଛନ୍ତି । ତେବେ ସାର ଯୋଗାଣରେ ବିଳମ୍ବ ଘଟୁଥିବା ଅଭିଯୋଗକୁ ଅସ୍ୱୀକାର କରିହେବନି ଓ ରାଜ୍ୟରେ ସାରର ଅଭାବ ନାହିଁ ଓ ତେବେ ଯେଉଁଠାରେ ସାର ପହଞ୍ଚିବାରେ ବିଳମ୍ବ ଘଟୁଛି, ସେଠାରେ ଯଥାଶୀଘ୍ର ସାର ପହଞ୍ଚାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ଯୋଗାଣ ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଓ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଚାଷୀମାନଙ୍କ ପାଖରେ କିପରି ଉଚିତ ମୂଲ୍ୟରେ ସାର ପହଞ୍ଚିପାରିବ ତାହା ସୁବ୍ୟବସ୍ଥିତ କରିବା ଦରକାର ।

ପୋକ୍ସୋ ଆଇନର ଅପବ୍ୟବହାର

ଯୁଧିଷ୍ଠିର ମହାରଣା

ମାନ୍ୟବର ସୁପ୍ରିମକୋର୍ଟ ଯୌନ ଅପରାଧିଙ୍କୁ ଶିଶୁଙ୍କ ସୁରକ

ବରିଷ୍ଠ ସାମ୍ବାଦିକ ସନ୍ତୋଷ କରଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୧୦।୨:(ମନ୍ଜୁନ)କେନ୍ଦ୍ରାପଡା ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳମେଲର ଜିଲ୍ଲା ପ୍ରତିନିଧି ସନ୍ତୋଷ କୁମାର କରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ଚିତ୍ତରଞ୍ଜନ ସାହୁ, ମାତୃଦତ୍ତ ମହାନ୍ତି, ଜଗନ୍ନାଥ ଧଳ, ସୋମନାଥ ସାହୁ, ଅମରବର ବିଶ୍ୱାଳ, ପ୍ରଭାତ କୁମାର ଲେଙ୍କା, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ ନାୟକ, ବିରେନ ଦାସ, ବଳରାମ ବେହେରା, ରଞ୍ଜନ କୁମାର ସାହୁ, ସରୋଜ କୁମାର ରାଉତ, ଯତିନ କୁମାର ଦାସ ପ୍ରମୁଖ ଶତାଧିକ ସାମ୍ବାଦିକ ଯୋଗଦେଇ ସାମ୍ବାଦିକ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୦।୨:(ମନ୍ଜୁନ) ଅ।ଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛିୟ ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅ।ପଡି ଅଭିଯୋଗ ର ଶୁଣାଣି କରିଥିଲେ । ଅ।ଜି ମୋଟ ୫୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲାୟ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧ ଟି, ଅ।ବାସ ସମ୍ପର୍କୀୟ ୧୬ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୬ ଟି, ପୋଲିସ ସହାୟତା ପାଇବା ପାଇଁ ୨ ଟି, ଭତ୍ତା ପାଇବା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଅ।ରକ୍ଷୀ ଅଧିକ୍ଷକ ଶ୍ରୀ ସତ୍ୟବ୍ରତ ଦାଶ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ଶ୍ରୀ ସାଗର କୁମାର ନନ୍ଦ, ତହସିଲଦାର,ବାଲିକୁଦା ଶ୍ରୀ ବିକାଶ ରଞ୍ଜନ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଅ।ପଡି ଅଭିଯୋଗ ର ଶୁଣାଣି କରିଥିଲେ ।

ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ କେନ୍ଦ୍ରୀୟ ବଜେଟ ଉପରେ ଆଲୋଚନା

ତାଳଚେର,୧୦।୨:(ମନ୍ଜୁନ)କେନ୍ଦ୍ର ବଜେଟ ଗତ ସପ୍ତାହ ରେ ପାରିତ ହୋଇଛି ।ସ୍ୱଦେଶୀ ଜାଗରଣ ମଞ୍ଚ ଅନୁଗୁଳ ଜିଲ୍ଲା ପକ୍ଷରୁ ତାଳଚେର ଦେଉଳବେଡା ଡିସିଆଇ କ୍ଲବ ଠାରେ କେନ୍ଦ୍ରୀୟ ବଜେଟ ୨୦୨୬ କୁ ନେଇ ଏକ ଆଲୋଚନା ଚକ୍ର ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ।ସ୍ୱଦେଶୀ ଜାଗରଣ ମଞ୍ଚ ର ବିଭାଗ ସଂଗଠକ ପ୍ରଦୀପ ବାରିକି ଙ୍କ ସଂଯୋଜନା ରେ ଉକ୍ତ ଆଲୋଚନା ଚକ୍ର ରେ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ ।ଅତିଥି ଭାବେ ବାର ଆସୋସିଏସନ ର ସଭାପତି ସ'ାଷ କୁମାର ସାହୁ, ଅନୁଗୁଳ ଜିଲ୍ଲା ଚାମ୍ବର ଅଫ କମର୍ଶ ର ଉପ ସଭାପତି ସୁବାଷ ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ଉଚ୍ଛନ ପଟ୍ଟନାୟକ ଯୋଗ ଦେଇ କେନ୍ଦ୍ରୀୟ ବଜେଟ ଉପରେ ଆଲୋଚନା କରିଥିଲେ ।ସେମାନେ କହିଥିଲେ, କେନ୍ଦ୍ରୀୟ ବଜେଟରେ ବିକଶିତ ଭାରତ ପାଇଁ ପ୍ରତ୍ୟେକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟରେ ପ୍ରତିରକ୍ଷା ବିଭାଗ ପାଇଁ ବଡ଼ଧରଣର ଅର୍ଥ ବ୍ୟବସ୍ଥା ଥିବା ବେଳେ ପ୍ରତିରକ୍ଷା ସାମଗ୍ରୀର ଆଧୁନିକୀକରଣର ବୈଷୟିକ କୌଶଳ ଓ ଉତ୍ପାଦ ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିଲା। ସେହିପରି ସ୍ୱାସ୍ଥ୍ୟ,ଶିକ୍ଷାକୁ ପ୍ରତ୍ୟେକ ନାଗରିକଙ୍କୁ ମାଗଣାରେ ଉପଲବ୍ଧ କରାଯିବା ଆବଶ୍ୟକତା ଅଛି ଶିଳ୍ପ ଦେଶର ପ୍ରଗତିକୁ ସୁନିଶ୍ଚିତ କରିଥାଏ। କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ ପାଇଁ ଏହି ବଜେଟ ଭିରିଭୂମି ପ୍ରସ୍ତୁତ କରିଛି। ତେବେ ପର୍ଯ୍ୟଟନ, କୃଷି ଅର୍ଥନୀତିକୁ ଆହୁରି ଅଧିକ ଅର୍ଥର ଆବଶ୍ୟକତା ଅଛି। ଏକ ସ'ୁଳିତ ବଜେଟ ଦ୍ୱାରା ଗ୍ରାମାଞ୍ଚଳର ଅର୍ଥନୀତି ଚଳଚଞ୍ଚଳ ହେବ ବୋଲି ଆଲୋଚକମାନେ ମତ ଦେଇଥିଲେ। କ୍ଷଉକ୍ତ ଆଲୋଚନା ଚକ୍ର ରେ ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ଚଳିତ ବଜେଟ ସର୍ବ ସ୍ପର୍ଶୀ ଓ ସର୍ବ ବ୍ୟାପି ଏଥିରେ କୃଷକ, ମହିଳା, ଯୁବକ, ଗରିବ, ମଧ୍ୟବିତ୍ତ ସମସ୍ତ ଙ୍କର ହିତ କୁ ଦୃଷ୍ଟି ରଖି ବଜେଟ ପ୍ରସ୍ତୁତ ହୋଇଛି ।ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପରିବହନ, ବାଣିଜ୍ୟ ସବୁ କ୍ଷେତ୍ରକୁ ଦୃଷ୍ଟି ଦିଆଯାଇଛି ।ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ତାଳଚେର ରୁ ପାରାଦ୍ୱୀପ ଜାହାଜ ଚଳାଇବା ପାଇଁ ଯେଉଁ ଉଦ୍ୟମ ତତ୍କାଳୀନ କେନ୍ଦ୍ରରେ ସଡ଼କ ପରିବହନ ମନ୍ତ୍ରୀ ଥିବା ବେଳେ କରିଥିଲେ ତାହା ର ପ୍ରତିଫଳନ ଚଳିତ ବଜେଟ ରେ ଜାତୀୟ ଜଳପଥ ୫ କୁ ସ୍ୱୀକୃତି ମିଳି ବ୍ୟୟ ବରାଦ ହୋଇଛି ।ବିଶେଷ ଭାବେ ଅନୁଗୁଳ ଜିଲ୍ଲା ତାଳଚେର ବେଶି ଲାଭର୍ଣିତ ହେବ ବୋଲି ଶ୍ରୀ ବାରିକ ପ୍ରକାଶ କରିଥିଲେ ।ସଂଘ ର ଜିଲ୍ଲା ସହ କାର୍ଯ୍ୟବାହ ବାବୁଲି ସାମଲ, ମାୟାଧର ସାହୁ,, ଅଶୋକ ଲାଲ ଅଗ୍ରୱାଲ, ବାଉରୀ ବନ୍ଧୁ ବେଜ, ଶ୍ରମିକ ନେତା ଭରତ ଭୁତିଆ ଓ ଚନ୍ଦନ ପ୍ରଧାନ, ବିନୋଦ ଲାଲ, ରଂଜିତ ମହାପାତ୍ର, ଜଗଦୀଶ ସିଂହ, ଜଗଦୀଶ ମିଶ୍ର, ଅମିତ ଦାସ, ସୁନୀଲ ପଟ୍ଟନାୟକ ଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ର ଶୁଭାରମ୍ଭ

ଜଗତସିଂହପୁର,୧୦।୨:(ମନ୍ଜୁନ) ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅ।ନୁକୂଲ୍ୟରେ ଅ।ଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଅ।ନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଉପସ୍ଥିତ ଛାତ୍ରୀ ଓ ଶିକ୍ଷକ,ଶିକ୍ଷୟିତ୍ରୀ ମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମି ନାଶକ ବଟିକା ଅ।ଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ୧ ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଅ।ଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ୟ ପ୍ରମୋଦ କୁମାର ବାରିକ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଅ।ଜି ଦିବସ ର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କହିଲେ ୨୦୧୫ ମସିହା ଠାରୁ ପ୍ରତିବର୍ଷ ପରି ଏହି ବର୍ଷ ଫେବୃଅ।ରୀ ୧୦ ରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଉଛି । ଯାହାର ଉଦ୍ଦେଶ୍ୟ ହେଉଛି ୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର କିଶୋରୀ ତଥା ୨୦ ରୁ ୨୪ ବର୍ଷ ବୟସର ସମସ୍ତ ମହିଳା ଯିଏକି (ଗର୍ଭବତୀ ଓ ପ୍ରସୂତି ହୋଇନଥିବେ) ଙ୍କୁ କୃମି ନାଶକ ବାଟିକାର ସେବନ କରାଇ ଏହି ଅଭିଯାନ କୁ ସଫଳ କରାଇବା । ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର କୃମି ଦ୍ୱାରା ସଂକ୍ରମିତ ହେଲେ ପୁଷ୍ଟିହୀନତା ,ରକ୍ତହୀନତା, ବଦହଜମୀ, ଶାରୀରିକ ତଥା ମାନସିକ ଅନଗ୍ରସରତା ଦେଖାଯିବା ସହ କାର୍ଯ୍ୟ ଦକ୍ଷତା କମିଯାଏ । ତେଣୁ କୃମି ସଂକ୍ରମଣ ରୁ ରକ୍ଷା ପାଇବା ପାଇଁ କୃମି ନାଶକ ବଟିକା ସେବନ କରିବା ସାଙ୍ଗେ ପରିଷ୍କାର ପରିଚ୍ଛନ୍ନ ରହିବା, ମଳତ୍ୟାଗ ସମୟରେ ପାଇଖାନା ରେ ଚପଲ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ ସେବନ, ଖାଇବା ପୂର୍ବରୁ ହାତ ସଫା କରିବା, ନଖ କାଟିବା ଅ।ଦି ବିଷୟରେ ଉପସ୍ଥିତ ଅତିଥି ମାନେ ସମସ୍ତଙ୍କୁ ସଚେତନ କାରାଇଥିଲେ । ଡିପିଏମ ସୋନାଲି ପ୍ରିୟଦର୍ଶିନୀ ଏହି ଅଭିଯାନ ମାଧ୍ୟମରେ ଅ।ଜି ଜିଲ୍ଲାର ୧୩୬୯ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୭୪୨ ଅଙ୍ଗନବାଡି କେନ୍ଦ୍ରରେ ଅ।ରମ୍ଭ ହୋଇଛି । ଏହି ସମସ୍ତ ସ୍ଥାନରେ ଅ।ଶା କର୍ମୀ, ଅଙ୍ଗନବାଡି ଦିଦି, ଶିକ୍ଷକଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତି ରେ ପିଲା ମାନଙ୍କୁ କୃମି ନାଶକ ବଟିକା ଓ ଶିରପ ଅ।ଲବେଣ୍ଡାଜୋଲ ଖାଇବାକୁ ଦିଅ।ଯାଇଛି । ଜିଲ୍ଲାର ୩,୧୨,୦୧୫ ଜଣ ୧ ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର,୫୪,୭୮୨ ଜଣ ୨୦ ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳା ମାନଙ୍କୁ ଏହି ବଟିକା ଓ ଶିରପ ଦିଅ।ଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଜିଲ୍ଲା ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ । ସନ୍ତୋଷ କୁମାର ବେହେରା, ଡି ଏସ ଡବ୍ଲୁ ଓ, ବିଷ୍ଣୁ ପ୍ରିୟା ସେଠୀ,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ବାସନ୍ତୀ ପାଲି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତୀଚୀ ତନୟା ମହାନ୍ତି, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, , ଡେପୁଟୀ ମ୍ୟାନେଜର ସନ୍ଧ୍ୟାରାଣି ପଣ୍ଡା ଓ ବିଦ୍ୟାଳୟ ର ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଗଣ ଉପସ୍ଥିତ ଥିଲେ । ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମ ରେ ମହିଳା ସ୍ୱାସ୍ଥ୍ୟ କର୍ମୀ ,ସହରାଞ୍ଚଳ ର ଅ।ଶା, ଅ।ଦି ଉପସ୍ଥିତ ଥିଲେ ।

ବାବ୍ରୀ ପୁନଃନିର୍ମାଣକୁ ନେଇ ଯୋଗୀଙ୍କ କଡ଼ା ମନ୍ତବ୍ୟ

କେବେ ବି ଏହି ସ୍ୱପ୍ନ ପୂରା ହୋଇ ପାରିବ ନାହିଁ

ନୂଆଦିଲ୍ଲୀ,୧୦।୨(ଏଜେନ୍ସି): ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଅ।ଦିତ୍ୟନାଥ ବାରାବାଙ୍କିରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି । ସେ କହିଛନ୍ତି ଯେ, ଯେଉଁ ଲୋକ ଦେଶରେ ବାବ୍ରୀ ଢାଞ୍ଚାର ପୁନଃନିର୍ମାଣ କରିବାର ସ୍ୱପ୍ନ ଦେଖୁଛନ୍ତି, ସେମାନଙ୍କ ସ୍ୱପ୍ନ କେବେ ପୂରଣ ହେବ ନାହିଁ , କାରଣ ସେଦିନ କେବେ ଆସିବ ନାହିଁ । ଯଦି ଆପଣ ଭାରତରେ ନିୟମରେ ରହିବେ ତ, ଲାଭବାନ ହେବେ । ଯେଉଁମାନେ ସେଗୁଡ଼ିକୁ ଭଙ୍ଗ କରନ୍ତି ସେମାନଙ୍କୁ ନର୍କ ହିଁ ମିଳିବ । ଯୋଗୀ ଆହୁରି କହିଛନ୍ତି ଯେ, ଏହି ସରକାର ଯାହା କହେ, ତାହା ପୂରଣ କରି ଦେଖାଏ । ଆମେ କହି ଥିଲୁ, ରାମ ଲଲ୍ଲା ଆସିବେ, ଏବଂ ଆମେ ସେଠାରେ ମନ୍ଦିର ନିର୍ମାଣ କରିବୁ । ଏଥିରେ କୌଣସି ସନ୍ଦେହ ଅଛି କି ?ଆମେ ଆଜି ପୁଣି ଏହି କଥା କହୁଛୁ ଯେ, ବାବ୍ରୀ ମସଜିଦ ପୁନଃନିର୍ମାଣ ହୋଇ ପାରିବ ନାହିଁ ଏବଂ ଯେଉଁମାନେ ଏହି ଦିନକୁ ସ୍ୱପ୍ନ ଦେଖୁଛନ୍ତି, ସେମାନେ ପଚି ସଢି ଯିବେ । ସେହି ଦିନ କେବେ ବି ଆସିବ ନାହିଁ । ସେମାନଙ୍କର ସ୍ୱପ୍ନକୁ ଆମେ ଏମିତି ଭାଙ୍ଗି ଚାଲିବୁ । ସେ ଆହୁରି ମଧ୍ୟ କହିଛନ୍ତି - ଆମର ଐତିହ୍ୟ, ଭାରତର ଗୌରବମୟ ପରମ୍ପରା ଏବଂ ସନାତନ ଧର୍ମର ପରମ୍ପରାକୁ ସମ୍ମାନ ଦେବା । ସେ କହିଛନ୍ତି ଯେ,ଯେପରି ପ୍ରଧାନମନ୍ତ୍ରୀ ମୋଦି ନଭେମ୍ବର ୨୫ ତାରିଖରେ ଅଯୋଧ୍ୟା ଧାମକୁ ଆସି ସନାତନର ପ୍ରତୀକ ଶ୍ରୀରାମ ମନ୍ଦିରରେ ବିଶାଳ ସାଫ୍ରନ ରଙ୍ଗର ପତାକା ଉତ୍ତୋଳନ କରି ଥିଲେ, ଏହି ସାଫ୍ରନ ପତାକା ହିଁ ସର୍ବଦା ଭାରତର ଏହି ଗୌରବକୁ ଆଗକୁ ବଢାଇ ନେବ । ଯୋଗୀ ଆଦିତ୍ୟନାଥ କହିଛନ୍ତି , ଅଯୋଧ୍ୟାରେ ୫୦୦ ବର୍ଷ ପରେ ଏକ ଗୌରବମୟ ମୁହୂର୍ତ୍ତ ଆସିଛି । ଏହି ବର୍ଷ ଗୁଡ଼ିକ ମଧ୍ୟରେ ଅନେକ ରାଜା,ମହାରାଜା ଏବଂ ସରକାର ଆସିଛନ୍ତି , କିନ୍ତୁ କେହି ରାମ ମନ୍ଦିର ନିର୍ମାଣ ପାଇଁ କୌଣସି ଗମ୍ଭୀର ପ୍ରୟାସ କରି ନାହାଁନ୍ତି । ସେ କହିଛନ୍ତି ଯେ କିଛି ଲୋକ କେବଳ ସଙ୍କଟ ସମୟରେ ପ୍ରଭୁ ରାମଙ୍କୁ ମନେ ରଖନ୍ତି ଏବଂ ପରେ ତାଙ୍କୁ ଭୁଲି ଯାଆନ୍ତି, ତେଣୁ ପ୍ରଭୁ ରାମ ଏବେ ସେମାନଙ୍କୁ ଭୁଲି ଯାଇଛନ୍ତି । ଉଲ୍ଲେଖନୀୟ ଯେ, ଉତ୍ତର ପ୍ରଦେଶରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହି ନିର୍ବାଚନ ପୂର୍ବରୁ, ଯୋଗୀ ଆଦିତ୍ୟନାଥ ଖୁବ୍ କଡ଼ା ମିଜାଜରେ ବୟାନ ଦେଉଛନ୍ତି । ସମ୍ପ୍ରତି, ସେ ସୀତାପୁରରେ ଜାତି, ଭାଷା ଏବଂ ଅଞ୍ଚଳ ଆଧାରିତ ବିଭାଜନକାରୀ ରାଜନୀତି ବିରୁଦ୍ଧରେ ଲୋକଙ୍କୁ ସତର୍କ କରାଇ ଥିଲେ । ସେ କହିଥିଲେ, ସେହି ନେତାଙ୍କ କଥାରେ ଭ୍ରମିତ ହୁଅନ୍ତୁ ନାହିଁ , ଯିଏ ଜାତି ନାମରେ, ପ୍ରତିଶ୍ରୁତି ନାମରେ ବିଭାଜନ କରିବାକୁ ଚାହାଁନ୍ତି । ଯଦି ଆପଣାମାନେ ବିଭାଜିତ ହୋଇଗଲେ ତ, କଟିବାର ରାସ୍ତା ମଧ୍ୟ ଖୋଲି ଯିବ ।

ରାସ୍ତାରେ ଜରୁରୀକାଳୀନ ଅବତରଣ କଲା ବିମାନ

ନୂଆଦିଲ୍ଲୀ,୧୦।୨(ଏଜେନ୍ସି):ଆମେରିକାର ଜର୍ଜିଆ ରାଜ୍ୟରେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣାକୁ ଏଡାଇ ଦିଆଯାଇଛି । ଏକ ଛୋଟ ବିମାନକୁ ରାସ୍ତାରେ ଅବତରଣ କରିବାକୁ ପଡିଛି । ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପାଇଲଟ୍ ଏକ ବ୍ୟସ୍ତବହୁଳ ଛକରେ ବିମାନର ଜରୁରୀକାଳୀନ ଅବତରଣ କରିଥିଲେ । ଯାହା ଫଳରେ ଏହା ଅନେକ ଯାନ ସହିତ ଧକ୍କା ହୋଇଥିଲା । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଯେଉଁଥିରେ ବିମାନଟି କାରଗୁଡ଼ିକ ସହ ଧକ୍କା ହେଉଥିବା ସ୍ପଷ୍ଟ ଭାବରେ ଦେଖାଯାଉଛି । ସୌଭାଗ୍ୟବଶତଃ, ଏହି ଦୁର୍ଘଟଣାରେ କେହି ପ୍ରାଣ ହରାଇ ନାହାନ୍ତି । ଦୁଇ ଆହତ ମଧ୍ୟ ସମ୍ପୂର୍ଣ୍ଣ ବିପଦମୁକ୍ତ ବୋଲି କୁହାଯାଉଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧:୫୦ ସମୟରେ ଜର୍ଜିଆର ଗେନ୍ସଭିଲର ବ୍ରାଉନ୍ସ ବ୍ରିଜ୍ ରୋଡ୍ ଓ ପର୍ଲ ନିକ୍ସ ପାର୍କୱେ ଛକରେ ଏହି ଘଟଣା ଘଟିଥିଲା । ସିଙ୍ଗଲ୍-ଇଞ୍ଜିନ୍ ହକର୍ ବିଗ୍ରାଫ୍ଟ ବିଇ-୩୬ ବିମାନ ଏକ ନିୟମିତ ଉଡ଼ାଣରେ ଲି ଗିଲମୋର୍ ମେମୋରିଆଲ୍ ବିମାନବନ୍ଦରରୁ କାଣ୍ଟନ୍ ଅଭିମୁଖେ ଉଡ଼ାଣ କରୁଥିଲା । ଉଡ଼ାଣ ଆରମ୍ଭ ହେବାର କିଛି ମିନିଟ୍ ପରେ, ପାଇଲଟ୍ ହଠାତ ଇଞ୍ଜିନ୍ କାମ କରୁନଥିବା ଅନୁଭବ କରିଥିଲେ । ସେ ବିମାନବନ୍ଦରକୁ ଫେରିବା ଅସମ୍ଭବ ମଧ୍ୟ ଥିଲା । ଇଞ୍ଜିନର ଶକ୍ତି ହ୍ରାସ ପାଇବା ଯୋଗୁ ପାଇଲଟ୍ ବିମାନବନ୍ଦରରେ ପହଞ୍ଚିପାରି ନଥିଲେ । ତେଣୁ ବିମାନକୁ ଏକ ବ୍ୟସ୍ତବହୁଳ ରାସ୍ତାରେ ଅବତରଣ କରିବା ପାଇଁ ଅତ୍ୟନ୍ତ ସାହସିକ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ । ଅବତରଣ ସମୟରେ ନିୟନ୍ତ୍ରଣ ହରାଇବାରୁ, ବିମାନର ଡାହାଣ ଡେଣା ଏକ କାର୍କୁ ଧକ୍କା ଦେଇଥିଲା । ଯାହା ଫଳରେ ଏହାର ଇନ୍ଧନ ଟାଙ୍କିସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ।

କାନାଡାକୁ ନାଲିଆଖି ଦେଖାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୧୦।୨(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଉଥିବା ଏକ ପ୍ରମୁଖ ନୂତନ ସୀମା କ୍ରସିଂ ଖୋଲିବାକୁ ଅବରୋଧ କରିବାକୁ ଧମକ ଦେଇଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ, ସେ କାନାଡା ବିରୋଧରେ ବେଆଇନ ବାଣିଜ୍ୟ ଅଭ୍ୟାସର ଅଭିଯୋଗ ଆଣି କହିଛନ୍ତି, ପ୍ରକଳ୍ପର ଅତି କମରେ ଆମେରିକାର ଅଧା ମାଲିକାନା ରହିବା ଉଚିତ । ଟ୍ରମ୍ପ କହିଛନ୍ତି, କାନାଡା ଦଶନ୍ଧି ଧରି ଆମେରିକାରୁ ଲାଭ ଉଠାଇ ଆସୁଛି। ସେ ବିଶେଷ ଭାବରେ ଅଣ୍ଟାରିଓ ଓ ମିସିଗାନ ମଧ୍ୟରେ ନିର୍ମିତ ଗୋର୍ଡି ହୋୱେ ଅନ୍ତର୍ଜାତୀୟ ସେତୁର ଉଲ୍ଲେଖ କରିଛନ୍ତି। ଯେପର୍ଯ୍ୟନ୍ତ ଆମେରିକା ଯାହା ଦେଇଛି ତାହାର ପୂର୍ଣ୍ଣ କ୍ଷତିପୂରଣ ନପାଇବ ତଥା ଯେପର୍ଯ୍ୟନ୍ତ କାନାଡା ଆମ ସହିତ ସମ୍ମାନ ଓ ନିରପେକ୍ଷତା ସହିତ ବ୍ୟବହାର ନକରିଛି, ସେପର୍ଯ୍ୟନ୍ତ ମୁଁ ଏହି ସେତୁକୁ ଖୋଲିବାକୁ ଦେବି ନାହିଁ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଏହି କ୍ରସିଂ କାନାଡାର ମାଲିକାନାରେ ରହିଛି । ପୂର୍ବତନ ରାଷ୍ଟ୍ରପତି ବାରାକ

ଗୋଷ୍ଠୀ ଏବଂ ସାମାଜିକ ସେବା ପାଇଁ 'ନିର୍ମାଣ'କୁ ମହାବୀର ପୁରସ୍କାର-୨୦୨୬ ପ୍ରଦାନ

ଭଗବାନ ମହାବୀର ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ମହାବୀର ପୁରସ୍କାର ପାଇଁ ୧୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର କରାଯାଏ

ଭୁବନେଶ୍ୱର, ୧୦।୨ (ନି.ପ୍ର): ଆଦର୍ଶ ମାନବିକ ସେବାକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଭଗବାନ ମହାବୀର ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠିତ ମହାବୀର ପୁରସ୍କାରର ୨୯ତମ ସଂସ୍କରଣ ଓଡ଼ିଶା-ଭିତ୍ତିକ ସ୍ୱେଚ୍ଛାସେବୀ ସଂଗଠନ ନିର୍ମାଣକୁ ପ୍ରଦାନ କରାଯାଇଛି । ରାଜ୍ୟରେ ଉପେକ୍ଷିତ ଆଦିବାସୀ ଏବଂ ବନବାସୀ ସମ୍ପ୍ରଦାୟଙ୍କ ବିକାଶ ଦିଗରେ ଦୀର୍ଘମିଆଦୀ କାର୍ଯ୍ୟ ପାଇଁ ନିର୍ମାଣକୁ ମହାବୀର ପୁରସ୍କାର ୨୦୨୬ ପାଇଁ ଚୟନ କରାଯାଇଛି । ମହାବୀର ପୁରସ୍କାର ପ୍ରତିବର୍ଷ ଅହିଂସା ଏବଂ ସାକାହାରିବାଦ, ଶିକ୍ଷା, ଔଷଧ ଓ ସମ୍ପ୍ରଦାୟ ଏବଂ ସମାଜ ସେବା ଭଳି କ୍ଷେତ୍ରରେ ପ୍ରଦାନ କରାଯାଉଛିୟ ପ୍ରତ୍ୟେକ ବର୍ଗର ପୁରସ୍କାର ପାଇଁ ୧୦ ଲକ୍ଷ ଟଙ୍କା ନଗଦ ପୁରସ୍କାର, ପ୍ରଶଂସାପତ୍ର ଏବଂ ସ୍ମାରକୀ ସହ ପ୍ରଦାନ କରାଯାଏ ।

ଶ୍ରୀ ପ୍ରଶାନ୍ତ ମହାନ୍ତିଙ୍କ ଦ୍ୱାରା ୧୯୯୭ ମସିହାରେ ପ୍ରତିଷ୍ଠିତ, ନିର୍ମାଣ ଓଡ଼ିଶାର

ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳରେ ଜୀବିକା, ଖାଦ୍ୟ ସୁରକ୍ଷା ଏବଂ ଗୋଷ୍ଠୀ ଅନୁଷ୍ଠାନ ଗୁଡିକୁ ଦୃଢ଼ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି । ଏହି ଅନୁଷ୍ଠାନ ମହିଳା ସଶକ୍ତିକରଣ, ନିରନ୍ତର କୃଷି, ପ୍ରାକୃତିକ କୃଷି, ଜଙ୍ଗଲ ଏବଂ ଭୂମି ଅଧିକାର, ଜଳ ସୁରକ୍ଷା ଏବଂ ପୁଷ୍ଟିସାର ଭଳି ପ୍ରମୁଖ ଦିଗ ଉପରେ ଧ୍ୟାନ କେନ୍ଦ୍ରିତ କରିଛି, ଯାହା ଆଦିବାସୀ ସମ୍ପ୍ରଦାୟକୁ ଦୀର୍ଘକାଳୀନ ସାମାଜିକ ଏବଂ ଆର୍ଥିକ ସ୍ଥିରତା ହାସଲ କରିବାରେ ସକ୍ଷମ କରୁଛି ।

ନିର୍ମାଣ ସହ ୨୯ତମ ମହାବୀର ପୁରସ୍କାର ପାଇବାକୁ ଅନ୍ୟ ବିଜେତାଙ୍କ ମଧ୍ୟରେ ଅହିଂସା ଏବଂ ନିରାମିଷ ପାଇଁ ମହାରାଷ୍ଟ୍ରର ସରହଦ; ଶିକ୍ଷା ପାଇଁ ହିମାଚଳ ପ୍ରଦେଶର କର୍ତ୍ତ; ଔଷଧ କ୍ଷେତ୍ରରେ କର୍ଣ୍ଣାଟକର ଶ୍ରୀ ଶଙ୍କରା କର୍କଟ ଫାଉଣ୍ଡେସନ୍; ଏବଂ ଗୋଷ୍ଠୀ ଓ ସାମାଜିକ ସେବା ପାଇଁ ମିଜୋରାମର ଶ୍ରୀମତୀ ସଂଖୁମି ବୁଆଲଛୁଆକ ଅନ୍ତର୍ଭୁକ୍ତ ।

ଏହି ଅବସରରେ ଭଗବାନ ମହାବୀର ଫାଉଣ୍ଡେସନର ପ୍ରତିଷ୍ଠାତା ଶ୍ରୀ ସୁଗଲଚନ୍ଦ ଜୈନ କହିଛନ୍ତି, ନିର୍ମାଣର ତୃଣମୂଳ ସ୍ତରରେ କାର୍ଯ୍ୟ ସାମାଜିକ ନ୍ୟାୟ, ସ୍ଥାୟୀତ୍ୱ ଏବଂ ସମ୍ପ୍ରଦାୟ ସଶକ୍ତିକରଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛିୟ ଜୀବିକା ଦୃଢ଼ୀକରଣ ଏବଂ ଦୁର୍ବଳ ବର୍ଗଙ୍କ ଅଧିକାର ସୁରକ୍ଷା ସହ ନିର୍ମାଣ ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିଛି । ଆମେ ସଂଗଠନକୁ ଏହାର ସମର୍ପିତ ସେବା ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶରେ ଅବଦାନ ପାଇଁ ସମ୍ମାନିତ କରି ଖୁସି ।

୨୯ତମ ମହାବୀର ପୁରସ୍କାର ପାଇଁ, ଦେଶର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଶ୍ରୀ ଏମ. ଏନ. ଭେଙ୍କଟଚଲିଆଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ବିଶିଷ୍ଟ ବିଚାରକ ମଣ୍ଡଳୀ ଦ୍ୱାରା ଦେଶ ସାରାରୁ ୨୬୭ ଜଣ ନାମାଙ୍କନକୁ ଯତ୍ନର ସହ ମୂଲ୍ୟାଙ୍କନ କରାଯାଇଥିଲା । ଜୁରି ସଦସ୍ୟମାନଙ୍କ ମଧ୍ୟରେ ପ୍ରଖ୍ୟାତ ସନ୍ୟାସିନୀ ଆଚାର୍ଯ୍ୟ ଶ୍ରୀ ଚନ୍ଦନାଜୀ ମହାରାଜ; ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଶ୍ରୀ ଡି. ୱାଇ. ଚନ୍ଦ୍ରଚୂଡ଼; ଆରବିଆଇର ପାର୍ଟଟାଇମ ନିର୍ଦ୍ଦେଶକ ଶ୍ରୀ ଏସ. ଗୁରୁମୂର୍ତ୍ତି ଏବଂ ସମ୍ପାଦକ ଥୁଗଲକ; ଭାରତୀୟ ବିଦ୍ୟା ଭବନର ମାଙ୍ଗାଲୁରୁ କେନ୍ଦ୍ର ଅଧ୍ୟକ୍ଷ ପ୍ରଫେସର ବି. ଏମ୍. ହେଗଡେ, ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଟି. ଏସ. କୃଷ୍ଣମୂର୍ତ୍ତି; ଶ୍ରୀ ଡି. ଆର. ମେହେତା, ଆଇ.ଏ.ଏସ. (ଅବସରପ୍ରାପ୍ତ), ପୂର୍ବତନ ଅଧ୍ୟକ୍ଷ, ସେବି; ଶ୍ରୀ ପ୍ରଭାତ କୁମାର, ଆଇ.ଏ.ଏସ. (ଅବସରପ୍ରାପ୍ତ), ପୂର୍ବତନ କ୍ୟାବିନେଟ ସଚିବ, ଭାରତ ସରକାର ଏବଂ ଜଷ୍ଟିସ୍ ଶ୍ରୀ ଜି. ଏସ. ସିଂଘଭି, ପୂର୍ବତନ ବିଚାରପତି, ଭାରତୀୟ ସୁପ୍ରିମକୋର୍ଟ ରହିଛନ୍ତି ।

ଫାଉଉଣ୍ଡେସନ ଚାରୋଟି ପୁରସ୍କାର ବର୍ଗରେ ନିଃସ୍ୱାର୍ଥପର ସେବାରେ ନିୟୋଜିତ ବ୍ୟକ୍ତି ଏବଂ ଅନୁଷ୍ଠାନରୁ ୩୦ତମ ମହାବୀର ପୁରସ୍କାର ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛି । ନାମାଙ୍କନ ଫର୍ମ ଫାଉଣ୍ଡେସନର ୱେବସାଇଟ୍ ରୁ ଡାଉନଲୋଡ୍ କରାଯାଇପାରିବ ।

ଏନଏସଇର କୋଲ ଏକ୍ସଚେ ପ୍ରସ୍ତାବକୁ ମୁଞ୍ଜୁରି

ଭୁବନେଶ୍ୱର, ୧୦।୨ (ନି.ପ୍ର) : ଏନଏସଇ ବୋର୍ଡ ପକ୍ଷରୁ ଏହାର ପ୍ରସ୍ତାବିତ ଆଇପିଓ (ଇନିସିଆଲ ପବ୍ଲିକ ଅଫରିଙ୍ଗ) ସମ୍ପର୍କିତ ପ୍ରମୁଖ ନିଷ୍ପତ୍ତି ନିଆଯାଇଛି । ଯେଉଁଥିରେ ଏକ ଉତ୍ସର୍ଗୀକୃତ ଆଇପିଓ କମିଟିର ପୁନର୍ଗଠନ ମାଧ୍ୟମରେ ଏହାର ପରିଚାଳନା ଢାଂଚାକୁ ଅଧିକ ସୁଦୃଢ କରିବା ଅନ୍ତର୍ଭୁକ୍ତ ରହିଛି । ଏନଏସଇ ବୋର୍ଡ ନିୟାମକୀୟ ଅନୁମୋଦନ ଅନୁଯାୟୀ ଏକ କୋଲ୍ ଏକ୍ସଚେ ସ୍ଥାପନ କରିବା ପାଇଁ ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥାର ଅନ୍ତର୍ଭୁକ୍ତୀକରଣକୁ ଅନୁମୋଦନ ଦେଇଛି । ପୁନର୍ଗଠିତ ଆଇପିଓ କମିଟିରେ ଅନ୍ତର୍ଭୁକ୍ତ ଥିବା ସଦସ୍ୟମାନେ ହେଉଛନ୍ତି: ଶ୍ରୀ ତବଲେଶ ପାଣ୍ଡେ- ଅଧ୍ୟକ୍ଷ (ଅଣସ୍ୱାଧୀନ ନିର୍ଦ୍ଦେଶକ), ଶ୍ରୀ ଶ୍ରୀନିବାସ ଇଟେ- ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ), ପ୍ରଫେସର. (ଡଃ). ମମତା ବିଶ୍ୱାଳ - ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ), ଜଷ୍ଟିସ (ଅବସରପ୍ରାପ୍ତ) ଶ୍ରୀମତି ଅଭିଳାଷା କୁମାରୀ- ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ), ପ୍ରଫେସର.ଜି. ଶିବକୁମାର - ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ) ଏବଂ ଶ୍ରୀ ଆଶିଷ କୁମାର ଚୌହାନ - ସଦସ୍ୟ (ପରିଚାଳନା ନିର୍ଦ୍ଦେଶକ ଓ ସିଇଓ) ଇତ୍ୟାଦି । ଏହି ପ୍ରସ୍ତାବିତ ସହାୟକ ସଂସ୍ଥାର ନାମ ନ୍ୟାଶନାଲ କୋଲ୍ ଏକ୍ସଚେ, ଭାରତ କୋଲ୍ ଏକ୍ସଚେ କିମ୍ବା ଇଣ୍ଡିଆ କୋଲ୍ ଏକ୍ସଚେ ହୋଇପାରେ, ଯାହା

କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଅଟେ । ଏହି କୋଲ୍ ଏକ୍ସଚେକୁ କୋଇଲା ମନ୍ତ୍ରଣାଳୟ ଦ୍ୱାରା ଅଧିସୂଚିତ କୋଲ୍ ରେଗୁଲେଶନ୍ସ, ୨୦୨୫ ସହ ସମନ୍ୱୟରେ ଅନ୍ତର୍ଭୁକ୍ତ କରାଯିବ । ଏନଏସଇ ପକ୍ଷରୁ ପ୍ରସ୍ତାବିତ କୋଲ୍ ଏକ୍ସଚେ ସବ୍‌ସିଡିଆରୀ ପାଇଁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗକୁ ମୁର କରାଯାଇଛି । ନ୍ୟାଶନାଲ ଷ୍ଟକ୍ ଏକ୍ସଚେ ଅଫ୍ ଇଣ୍ଡିଆ (ଏନଏସଇ) ହେଉଛି ଭାରତର ଏକ ଅଗ୍ରଣୀ ଷ୍ଟକ୍ ମାର୍କେଟ ପ୍ଲାଟଫର୍ମ ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ଡେରିଭେଟିଭ୍ ଏକ୍ସଚେ ଅଟେ ।

ଆଇଆଇଟି ଭୁବନେଶ୍ୱରରେ କେନ୍ଦ୍ରୀୟ ତଦାରଖ ଏବଂ ସୁରକ୍ଷା ବ୍ୟବସ୍ଥା ସହିତ ସ୍ୱଦେଶୀ ଡିଜିଟାଲ୍ ସବଷ୍ଟେସନ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୧୦।୨ (ନି/ପ୍ର): ଆଇଆଇଟି ଭୁବନେଶ୍ୱର ଏହାର ୩୩/୧୧ କେଭି କ୍ୟାମ୍ପସ ସବଷ୍ଟେସନରେ ଏକ କେନ୍ଦ୍ରୀୟ ମନିଟରିଂ ଏବଂ ସୁରକ୍ଷା (ସିପିଏମ) ସିଷ୍ଟମ ସହିତ ସମୃଦ୍ଧ ଏକ ଉନ୍ନତ ଡିଜିଟାଲ୍ ସବଷ୍ଟେସନକୁ ସଫଳତାର ସହ ବିକଶିତ ଏବଂ କାର୍ଯ୍ୟକ୍ଷମ କରିଛି, ଯାହା ସ୍ୱଦେଶୀ ବିଦ୍ୟୁତ୍ ପ୍ରଣାଳୀ ନବସୃଜନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି ସିଷ୍ଟମ ପ୍ରତିଷ୍ଠାନର ସମଗ୍ର ବୈଦ୍ୟୁତିକ ବଣ୍ଟନ ନେଟୱର୍କର ରିଅଲ-ଟାଇମ ମନିଟରିଂ ଏବଂ ସୁରକ୍ଷାକୁ ସକ୍ଷମ କରିବ । ନୂତନ ଭାବରେ ବିକଶିତ ଡିଜିଟାଲ୍ ସବଷ୍ଟେସନ୍ ୧୦ ଫେବୃଆରୀ ୨୦୨୬ରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକରଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ବିଶାଳ କୁମାର ଦେବ, ଆଇଏଏସ୍ ଦ୍ୱାରା

ଉଦଘାଟିତ ହୋଇଥିଲା । ଏହି ଅବସରରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସତ୍ୟପ୍ରିୟ ରଥ, ଆଇଏଏସ୍; ଆଇଆଇଟି ଭୁବନେଶ୍ୱରର ପ୍ରୋଜେକ୍ଟ ଇନଜିନିୟରିଂ ପ୍ରଫେସର ଏସ୍. ଆର. ସାମନ୍ତରାୟ; ଏବଂ ଗ୍ରୀଡ଼କୋର ଉପ-ମହାପ୍ରବନ୍ଧକ (ଇଲେକ୍ଟ୍ରିକାଲ୍) ଶ୍ରୀ ରତୁପୂର୍ଣ୍ଣ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏହା ଉଲ୍ଲେଖନୀୟ ଯେ ଏହି ପ୍ରକଳ୍ପଟି ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ବେଙ୍ଗାଲୁରୁସ୍ଥିତ କେନ୍ଦ୍ରୀୟ ବିଦ୍ୟୁତ ଗବେଷଣା ପ୍ରତିଷ୍ଠାନ (ସିପିଆରଆଇ)ର ଜାତୀୟ ଦୃଷ୍ଟିକୋଣ ଯୋଜନା (ଏନପିପି) ଅଧୀନରେ ଏକ ପ୍ରଦର୍ଶନ ପଦକ୍ଷେପ ଭାବରେ ହାତକୁ ନିଆଯାଇଥିଲା । ଆଇଆଇଟି ଭୁବନେଶ୍ୱରର ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗ, ବୈଦ୍ୟୁତିକ ଏବଂ କମ୍ପ୍ୟୁଟର ବିଜ୍ଞାନ ସ୍କୁଲର ପ୍ରଫେସର ଏସ. ଆର. ସାମନ୍ତରାୟ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ ।

ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା ଏକ ବଣ୍ଟନ ସବଷ୍ଟେସନ ପାଇଁ ଏକ କେନ୍ଦ୍ରୀୟ ସୁରକ୍ଷା ଏବଂ ମନିଟରିଂ (ସିପିଏମ) ସିଷ୍ଟମ ଡିଜାଇନ୍, ବିକାଶ ଏବଂ ପ୍ରଦର୍ଶନ କରିବା, ଯେଉଁଥିରେ ବଣ୍ଟନ ଶକ୍ତି ସମ୍ପଦ (ଡିଇଆରଏସ) ର ସମନ୍ୱୟ ଅନ୍ତର୍ଭୁକ୍ତ । ଉଲ୍ଲେଖନୀୟ ଯେ, ଏହି ପଦକ୍ଷେପ ଦେଶର ସ୍ୱଦେଶୀ ଭାବରେ ବିକଶିତ ଡିଜିଟାଲ୍ ସବଷ୍ଟେସନ ଫ୍ରେମୱାର୍କ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରେ, ଯାହା ସବଷ୍ଟେସନ ମଧ୍ୟରେ ପାରମ୍ପରିକ ଭୌତିକ ବୁଦ୍ଧିମାନ ଇଲେକ୍ଟ୍ରୋନିକ୍ ଡିଭାଇସ୍ (ଆଇଇଡିଏସ) ର ଆବଶ୍ୟକତାକୁ ଦୂର କରୁଥିବା ମିଶ୍ରଣ ୟୁନିଟଗୁଡ଼ିକୁ ଉପଯୋଗ କରେ । ଏହାର ଭବିଷ୍ୟତ ପାଇଁ ପ୍ରସ୍ତୁତ ସ୍ଥାପତ୍ୟର ଏକ ଅଂଶ ଭାବରେ, ଏହି ସିଷ୍ଟମ ସିପିଏମ ଫ୍ରେମୱାର୍କ ମଧ୍ୟରେ ସ୍ଥାପିତ ଏକ ବଣ୍ଟିତ ଶକ୍ତି ସମ୍ବଳ ପରିଚାଳନା ପ୍ରଣାଳୀ (ଡିଇଆରଏମଏସ) ବିକାଶ ପାଇଁ ମଧ୍ୟ ମୂଳଦୁଆ ସ୍ଥାପନ କରେ, ଯାହା ଉନ୍ନତ ଗ୍ରୀଡ୍ ଇଣ୍ଟେଲିଜେନ୍ସ, ନମନୀୟତା ଏବଂ ନିର୍ଭରଯୋଗ୍ୟତାକୁ ସକ୍ଷମ କରିଥାଏ । ଏହି ଡିଜିଟାଲ୍ ସବଷ୍ଟେସନର କାର୍ଯ୍ୟକ୍ଷମତା ସ୍ମାର୍ଟ ଗ୍ରୀଡ୍ ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢାଇବା, ବିଦ୍ୟୁତ୍ ପ୍ରଣାଳୀ ସମାଧାନର ସ୍ୱଦେଶୀକରଣ ଏବଂ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ସ୍ଥାୟୀ ଶକ୍ତି ଭିତ୍ତିଭୂମି ପ୍ରତି ଆଇଆଇଟି ଭୁବନେଶ୍ୱରର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି ।

ଓଡ଼ିଶାରେ ୪୮୦ରୁ ଅଧିକ ଅବହେଳିତ ଲୋକଙ୍କୁ ଖାଦ୍ୟ ବଣ୍ଟନ

ସ୍ୱିଗି ଏବଂ ରବିନ ହୁଡର ୱିଂଟର ୱଣ୍ଡରଲ୍ୟାଣ୍ଡ' ଅଭିଯାନ

ଭୁବନେଶ୍ୱର, ୧୦।୨ (ନି.ପ୍ର) : ଭାରତର ଅଗ୍ରଣୀ ଅନ-ଡିମାଣ୍ଡ ସୁବିଧା ପ୍ଲାଟଫର୍ମ ସ୍ୱିଗି, ରବିନ ହୁଡ ଆର୍ମି (ଆରଏଚଏ) ସହିତ ସହଭାଗୀତା କରି ଏକ 'ୱିଂଟର ୱଣ୍ଡରଲ୍ୟାଣ୍ଡ' ଅଭିଯାନ ଆରମ୍ଭ କରିଛି । ଏହା ଏକ ହୃଦୟସ୍ପର୍ଶୀ ଶୀତକାଳୀନ ପଦକ୍ଷେପ ଯାହାର ଲକ୍ଷ୍ୟ ହେଉଛି ସାରା ଭାରତରେ ଦୁର୍ବଳ ସମ୍ପ୍ରଦାୟ ମଧ୍ୟରେ ଯତ୍ନ ଏବଂ ପୋଷକଯୁକ୍ତ ଖାଦ୍ୟ ସୁବିଧା ପ୍ରଦାନ କରିବା । ଏହି ଅଭିଯାନଟି ସର୍ବାଧିକ ଶୀତକାଳୀନ ସମୟରେ ସର୍ବାଧିକ ଆବଶ୍ୟକତା ଥିବା ବ୍ୟକ୍ତି ଏବଂ ପରିବାରକୁ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଯୋଗାଇବା ଉପରେ ଧ୍ୟାନ ଦେବା ସହିତ ଭାରତର ୧୪ ଟି ରାଜ୍ୟର ୫୬ ଟି ସହରକୁ ପ୍ରସାରିତ ହୋଇଛି । ସମଗ୍ର ଓଡ଼ିଶାରେ ତାପମାତ୍ରା ହ୍ରାସ ପାଇବା ପରେ, ସ୍ୱିଗି ଏବଂ ଆରଏଚଏ ପୁରୀ, ରାଉରକେଲା, କଟକ, ବ୍ରହ୍ମପୁର, ଭଦ୍ରକ, ଝାରସୁଗୁଡ଼ା ସମେତ ଖୋଲା

ବସ୍ତିରେ ରହୁଥିବା ପିଲା, ଅନାଥାଶ୍ରମର ବାସିନ୍ଦା ଏବଂ ରାସ୍ତାରେ ରହୁଥିବା ବ୍ୟକ୍ତି ତଥା ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀକୁ ୪୮୦ ଟି ସଦ୍ୟ ପ୍ରସ୍ତୁତ ପୁରୀ, ସବଜି ଏବଂ ମିଠା ମିଲ ବଂଟନ କରିଥିଲେ । ସ୍ୱିଗିର ସମର୍ଥନରେ, ଆରଏଚଏ ସ୍ୱେଚ୍ଛାସେବକମାନେ ଉତ୍ସବ ଋତୁରେ ଏକାଧିକ ସହରରେ ଏକାଧିକ ଖାଦ୍ୟ ବଂଟନ ଆୟୋଜନ ଏବଂ କାର୍ଯ୍ୟକାରୀ କରିପାରିଥିଲେ । ଏହି ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରି, ସ୍ୱିଗି ଫୁଡ ମାର୍କେଟପ୍ଲେସର ଚିଫ ଏକ୍ସିକ୍ୟୁଟିଭ ଅଫିସର ସିଦ୍ଧାର୍ଥ ଭାକୁ ସେୟାର କରିଛନ୍ତି, 'ସ୍ୱିଗିରେ, ଆମେ ଖୁସି ବାଂଟିବା ପାଇଁ ଆମର ସମଗ୍ର ଭାରତରେ ଉପସ୍ଥିତି, ପରିମାଣ ଏବଂ ସମ୍ବଳକୁ ନିରନ୍ତର ବ୍ୟବହାର କରିଆସିଛୁ । ରବିନ ହୁଡ ଆର୍ମି ସହିତ ସହଭାଗୀତାରେ ଆୟୋଜିତ ୱିଂଟର ୱଣ୍ଡରଲ୍ୟାଣ୍ଡ, ଅତ୍ୟଧିକ ଶୀତ ସମୟରେ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ଏକ ଗରମ, ତାଜା ଖାଦ୍ୟର ଆନନ୍ଦ ପହଂଚାଇବା ପାଇଁ ଆଉ ଏକ ପଦକ୍ଷେପ । ଏହି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ରବିନ ହୁଡ ଆର୍ମିର ଜାତୀୟ ସାମାଜିକ ଗଣମାଧ୍ୟମ ପ୍ରତିନିଧି ବସୁନ୍ଧରା ଭଣ୍ଡାରୀ ସେୟାର କରିଛନ୍ତି, 'ଏହି ପଦକ୍ଷେପ ମାଧ୍ୟମରେ, ସହରଗୁଡ଼ିକରେ ହଜାର ହଜାର ପିଲା ଏବଂ ଦୁର୍ବଳ ବ୍ୟକ୍ତି କେବଳ ଖାଦ୍ୟ ପାଇଲେ ନାହିଁ, ବରଂ ଉଷ୍ମତା, ଯତ୍ନ ଏବଂ ଏକତାର ଭାବନା ମଧ୍ୟ ଲାଭ କରିଛନ୍ତି । ' ଏହି ପଦକ୍ଷେପ କ୍ଷୁଧା ଦୂର କରିବା ଏବଂ ପ୍ରାୟତଃ ଅଭାବଗ୍ରସ୍ତ ସମ୍ପ୍ରଦାୟ ପାଖରେ ପହଂଚିବା ପାଇଁ ସ୍ୱିଗି ଏବଂ ଆରଏଚଏର ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଗତ ମାସରେ, ଶୀତକାଳୀନ ୱଣ୍ଡରଲ୍ୟାଣ୍ଡ ପଦକ୍ଷେପର ଏକ ଅଂଶ ଭାବରେ ସହରଗୁଡ଼ିକରେ ୫,୫୫୦ ଟି ସଦ୍ୟ ପ୍ରସ୍ତୁତ ଖାଦ୍ୟ ବଂଟନ କରାଯାଇଛି ।

ବାଲ ବିବାହ ମୁକ୍ତି ରଥ କାରାଭାନ୍ କନ୍ଧମାଳରେ ବାଲ୍ୟ ବିବାହରେ ପରିସମାପ୍ତି ଘଟାଇବାକୁ ଗୋଷ୍ଠୀ ପ୍ରୟାସକୁ ସୁଦୃଢ କରିଛି

ଭୁବନେଶ୍ୱର, ୧୦।୨ (ନି.ପ୍ର) : ବାଲ୍ୟ ବିବାହରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ମାନ୍ୟବର କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ୧୦୦ ଦିନିଆ ରାଷ୍ଟ୍ରୀୟ ଅଭିଯାନ 'ବାଲ୍ ବିବାହ ମୁକ୍ତ ଭାରତ ଅଭିଯାନ'ର ଅଂଶ ଭାବରେ କନ୍ଧମାଳ ଜିଲ୍ଲାରେ ପିଲାମାନଙ୍କୁ ବାଲ୍ୟ ବିବାହରୁ ସୁରକ୍ଷିତ ରଖିବା ସକାଶେ ଏକାଧିକ ପର୍ଯ୍ୟାୟର ବ୍ୟାପକ ସଚେତନତା ଓ ନିରାକରଣମୂଳକ କାର୍ଯ୍ୟକଳାପ କାର୍ଯ୍ୟକାରୀ କରାଯାଇଥିଲା । କନ୍ଧମାଳରେ ଏହି ଅଭିଯାନ ୨୦୨୫ ନଭେମ୍ବର ୨୬ ତାରିଖରେ ଫୁଲବାଣୀଠାରେ ଆରମ୍ଭ ହୋଇଥିଲା ଏବଂ ସେଥିରେ ଜିଲ୍ଲା ପ୍ରଶାସନ, ଶିଶୁ ସୁରକ୍ଷା କାର୍ଯ୍ୟକର୍ତ୍ତାଗଣ, ଆଇସିଡିଏସ୍ କର୍ମଚାରୀ, ପୋଲିସ, ସିଡବ୍ଲ୍ୟୁସି ସଦସ୍ୟାଗଣ, ସିଡିପିଓ ଏବଂ ଅନ୍ୟ ପ୍ରମୁଖ ସହଭାଗୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଏହି ଗତିଶୀଳତାକୁ ଆଗେଇ ନେଇ ସଚେତନତାମୂଳକ ବାର୍ତ୍ତାଗୁଡିକ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳ ଏବଂ ଜନସାଧାରଣଙ୍କ ନିକଟକୁ ସିଧାସଳଖ ପହଞ୍ଚାଇବା ସକାଶେ ୨୦୨୬ ଫେବୃଆରୀ ୬ରୁ ୯ ତାରିଖ ପର୍ଯ୍ୟନ୍ତ ବାଲ୍ ବିବାହ ମୁକ୍ତି ରଥ କାରାଭାନ୍ ଆୟୋଜନ କରାଯାଇଥିଲା । ରଥକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, କନ୍ଧମାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ମଜଭୁତ ପ୍ରଶାସନିକ ସମର୍ଥନକୁ ପ୍ରତିଫଳିତ କରିଥିଲା । ଏହି ଅଭିଯାନ ହମାରା ବଚ୍‌ପନ ଟ୍ରଷ୍ଟ ପକ୍ଷରୁ ଜଷ୍ଟ ରାଇଟ୍‌ସ୍ ଫର ଚିଲଡ୍ରେନ

(ଜେଆର୍‌ସି) କାର୍ଯ୍ୟକ୍ରମ ଅଧୀନରେ କୈଳାସ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍‌ସ୍ ଫାଉଣ୍ଡେସନ (କେଏସ୍‌ସିଏଫ୍) ସହଭାଗୀତାରେ କାର୍ଯ୍ୟକାରୀ କରାଯାଉଛି । ୨୦୨୪ରୁ ହ

ପଟ୍ଟାମୁଣ୍ଡାଇ ବ୍ଲକରେ ଷ୍ଟ୍ରିଟ ଲାଇଟ ଦୁର୍ନୀତି ଅଭିଯୋଗ

ପଟ୍ଟାମୁଣ୍ଡାଇ,୧୦/୧ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ କିଛି ଦିନ ପୂର୍ବରୁ ଷ୍ଟ୍ରିଟ ଲାଇଟ ଦୁର୍ନୀତି ମାମଲାରେ ଭିଜିଲାନ୍ସ ଦ୍ୱାରା ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଗିରଫ ପରେ ପୁଣି ଏକ ଷ୍ଟ୍ରିଟ ଲାଇଟ ଦୁର୍ନୀତିର ଅଭିଯୋଗ ହୋଇଅଛି । ଅଭିଯୋଗ ଅନୁଯାୟୀ ୧୩ମାର୍ଚ୍ଚ ୨୦୨୫ ରେ କରାଯାଇଥିବା ଭାଉଚର ନଂ - ୫ଟି ଏଚ ଏସ ଏଫ ସି/୨୦୨୪/-୨୫/ପି /୮ ଅନୁଯାୟୀ ବଳଭଦ୍ରପୁର ପଞ୍ଚାୟତରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଟ ୬ଲକ୍ଷ ୯୯ ହଜାର ୯ ଶହ ୯୬ଙ୍କା ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ଙ୍କ ଆକାଉଣ୍ଟକୁ ପେଠ କରା ଯାଇଥିଲା । ପ୍ରକଳ୍ପ ବିଷୟରେ ଜାଣିବା ପରେ ଗ୍ରାମବାସୀଙ୍କ ମନରେ ପ୍ରକଳ୍ପ କାର୍ଯ୍ୟରେ ବଡ଼ ଧରଣର ଦୁର୍ନୀତି ହୋଇ ଥିବାର ସନ୍ଦେହ ସୃଷ୍ଟି ହୋଇଛି । ପ୍ରକଳ୍ପ ସମ୍ପର୍କିତ ଏଷ୍ଟିମେଟ ଏବଂ ଅନ୍ୟାନ୍ୟ ତଥ୍ୟ ପାଇବା ନିମନ୍ତେ ଜଣେ ସୂଚନା ଅଧିକାର କର୍ମୀ ସୂଚନା ଅଧିକାର ଆଇନ ବଳରେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ । ଧାର୍ଯ୍ୟ ସମୟ ପୂରଣ ପରେବି ତଥ୍ୟ ନଦେବାରୁ ସମ୍ପୃକ୍ତ ସୂଚନା ଅଧିକାର କର୍ମୀ ପ୍ରଥମ ଅପିଲ ଅଧିକାରୀ ତଥା ବିଡିଓଙ୍କୁ ନିଜର ଅଭିଯୋଗ ଜଣାଇ ଥିଲେ । ପ୍ରଥମ ଅପିଲ ଅଧିକାରୀଙ୍କୁ ଅଭିଯୋଗ ଦେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର କର୍ମୀଙ୍କୁ କୌଣସି ସୂଚନା ଦିଆ । ଯାଇ ନଥିବାର ଅଭିଯୋଗ ହୋଇଛି । ଯଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ମନରେ ଷ୍ଟ୍ରିଟ ଲାଇଟ ପ୍ରକଳ୍ପରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ ଦୃଢ଼ୀଭୁତ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଣୁ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଉନ୍ମୋଚନ ପାଇଁ ଦିବାକର ବେହେରା ,ସଞ୍ଜୟ ନାୟକ,ଦୁଃଶାସନ ବେହେରା ,ଆଶୁତୋଷ ରାଉଳ,ଭାଗିରଥି ବେହେରା ପ୍ରମୁଖ ଗ୍ରାମବାସୀ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା ଆନୁଷ୍ଠାନିକ ତଦନ୍ତ ଦାବି କରିଛନ୍ତି ।

ବାଲ୍ୟ ବିବାହ ମୁକ୍ତ ସଚେତନତା ରଥ ଶୁଭାରମ୍ଭ

ନବରଙ୍ଗପୁର, ୧୦।୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲାର ସବୁ ବ୍ଲକ୍ ଓ ପଞ୍ଚାୟତରେ ଗଡିବ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ର ସଚେତନତା ରଥ । ଏହି ସଚେତନତା ରଥ କୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କଲେ । ଜିଲ୍ଲା ପ୍ରଶାସନ ଓ ଶୋଭା ସଙ୍ଗଠନର ମିଳିତ ପ୍ରୟାସରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାଲ୍ୟ ବିବାହମୁକ୍ତ ସଚେତନତା ରଥ ଶୁଭାରମ୍ଭ ହୋଇଛି । ଯେଉଁଥିରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦି କହଁର, ସି ଡ଼ବ୍ଲ୍ୟୁ ସି ଅଧ୍ୟକ୍ଷ ଅଜନ୍ତା ଶୁଭଦର୍ଶାନୀ, ଶିଶୁ ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ ବେହେରା , ଡି ସି ପି ଓ ସୁରେଶ ପଟ୍ଟନାୟକ, ଏ ଡି ଡ଼ବ୍ଲୁ ଓ ଭରତ ସାହୁ, ଶୋଭାର ସେକ୍ରେଟେରୀ ସଞ୍ଜିତ ପଟ୍ଟନାୟକ

,ମଦନ କି ର୍ଷାନି ଆନୁଷ୍ଠାନିକ ଭାବେ ଏହି ସଚେତନତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସାରା ଦେଶରେ ଆରମ୍ଭ ହୋଇଛି ୧୦୦ ଦିନିଆ । ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ । ଏହି ସଚେତନତା ରଥର ମୂଳ ଆଭିମୁଖ୍ୟ ହେଉଛି ଲୋକଙ୍କୁ ବାଲ୍ୟ ବିବାହ ନ କରିବା ଦିଗରେ ସଚେତନ କରିବା । ଆଜିଠାରୁ ଆରମ୍ଭ ହୋଇଥିବା ଏହି ରଥ ପୁରା ନବରଙ୍ଗପୁର ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ କାର୍ଯ୍ୟାଳୟ ଓ ସମସ୍ତ ସ୍କୁଲ ପରିଦର୍ଶନ କରିବ ।

ସଚେତନତା ରଥ ଅଡିଓ ମାଧ୍ୟମରେ ବାଲ୍ୟ ବିବାହ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବାର୍ତ୍ତା ଦେଉଛି । ଅଡିଓ ମାଧ୍ୟମରେ କୁହାଯାଉଥିବା ସଚେତନତା ବାର୍ତ୍ତା ଜଣାଉଛି ଯେ; ବାଲ୍ୟ ବିବାହ ଏକ ଆଇନଗତ ଅପରାଧ ଅଟେ । ୨୧ ବର୍ଷରୁ କମ୍ ବୟସର ପୁଅ ଓ ୧୮ ବର୍ଷରୁ କମ୍ ବୟସର ଝିଅଙ୍କ ଭିତରେ ହେଉଥିବା ବାଲ୍ୟ ବିବାହ ଏକ ଆଇନଗତ ଅପରାଧ ଅଟେ । ବାଲ୍ୟ ବିବାହରେ ସଂପୃକ୍ତ ଥିବା ମାତା-ପିତା ତଥା ଅନ୍ୟ ସମ୍ପର୍କୀୟ; ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡାଦେଶ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇ ପାରନ୍ତି । ବାଲ୍ୟ ବିବାହ କରାଉଥିବା ପୁରୋହିତ, ପାଷ୍ଟର ଓ ମୌଲବୀଙ୍କୁ ମଧ୍ୟ ଦଣ୍ଡାଦେଶ ହୋଇପାରେ । ବାଲ୍ୟ ବିବାହରେ ନିଜର ସହଯୋଗ ପ୍ରଦାନ କରୁଥିବା ମିଠା ଦୋକାନୀ, ବ୍ୟାଣ୍ଡ ପାର୍ଟି, ଟେଣ୍ଟହାଉସ୍ ମାଲିକ ତଥା ଭୋଜିରେ ଉପସ୍ଥିତ ଥିବା ଲୋକଙ୍କୁ ମଧ୍ୟ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡାଦେଶ କିମ୍ବା ଉଭୟ ଦଣ୍ଡ ହୋଇପାରେ । ବାଲ୍ୟ ବିବାହରେ ସାମିଲ ଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡାଦେଶ କିମ୍ବା ଉଭୟ ଦଣ୍ଡ ହୋଇପାରେ ।

ଗଣତନ୍ତ୍ରରେ ଚାଷୀର ସାମ୍ବିଧାନିକ ଅଧିକାର ପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

ଭୁବନେଶ୍ୱର,୧୦।୨ (ନି.ପ୍ର): ସାରା ରାଜ୍ୟରେ ଧାନ କ୍ରୟ ସମସ୍ୟା ଓ ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀ କ୍ରୋଧ ଓ ଅସନ୍ତୋସ ବଢ଼ିଚାଲିଛି । ସରକାର ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସମସ୍ୟା ପ୍ରଶମିତ ହେଲା ବୋଲି ମିଛ କହିବା ଅତ୍ୟନ୍ତ ଲଜ୍ୟାଜନକ । ଧାନ କିଣା ବିକାରେ ସରକାର, ପ୍ରଶାସନ, ମିଲରମାନଙ୍କ ସଲାସୁତୁରାରେ ବ୍ୟାପକ ହେରଫେର, ପ୍ରତି କ୍ୱିଣ୍ଟାଲରେ ୫କେଜିରୁ ୧୦ କେଜି ପର୍ଯ୍ୟନ୍ତ ବାଧ୍ୟତାମୂଳକ କଟନି ଛଟନି, ମିଲର ମନମାନିରେ ଧାନ ଉଠିବା, ଜାଣିଶୁଣି ଟୋକନ ଇସ୍ୟୁରେ ବିଳମ୍ବ, ନିର୍ଦ୍ଧାରିତ ସମୟରେ ଧାନ କ୍ରୟ କରା ନ ଯିବାରୁ ଟୋକନ ଲାପ୍ସ, ଗୋଦାମ ଘର ଅଭାବ ଯୋଗୁଁ ଧାନ କିଣାରେ ମନ୍ଥର ଲାଗି ରହିଥିବା ବେଳେ ସରକାର ଅଦ୍ୟାବଧି ଏହି ସମସ୍ୟାଟିର ସମାଧାନ ପାଇଁ ଗୁରୁତ୍ୱ ନଦେଇ ଯେଉଁ ଚାଷୀ ଆନ୍ଦୋଳନ କରୁଛନ୍ତି ସେମାନଙ୍କୁ ନକଲି ଚାଷୀ କହିବା ଗଣତନ୍ତ୍ରରେ ଏହା ଏକ ହୀନମନ୍ୟତାର ପରିଚୟ । ଯଦି ସରକାର ଅସଲି ଚାଷୀଙ୍କଠାରୁ ଧାନ କିଣୁଛନ୍ତି, ସେମାନଙ୍କ ନାମ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି କାହିଁକି ? ଟୋକନ ଲାପ୍ସ ପାଇଁ ବର୍ତ୍ତମାନ ଦାୟୀ କିଏ ? ସରକାର ଧାନ କ୍ରୟ ନୀତିରେ କହିଲେ ଗତବର୍ଷ ବଡ଼ଚାଷୀଙ୍କଠାରୁ ୫୦୦କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ କିଣାଯାଇଥିଲା । ବଡ଼ଚାଷୀ ଚଳିତବର୍ଷ ୧୫୦ କ୍ୱିଣ୍ଟାଲ ଧାନ ବିକ୍ରି କରିବେ ବୋଲି ସିଲିଂ କରାଯାଇଛି । ମୋଟ ୫ ଏକର ଜମିରୁ ଏକର ପିଛା ୧୯ କ୍ୱିଣ୍ଟାଲ ହିସାବରେ ଧାନ କ୍ରୟ କରାଯିବ । ଯଦି ବଡ଼ଚାଷୀଙ୍କଠାରୁ ଏହି ହିସାବରେ ୯୫ କ୍ୱିଣ୍ଟାଲ ଧାନ କ୍ରୟ କରାଯାଏ ସରକାର କିପରି ଚଳିତ ଥର ୧୫୦ କ୍ୱିଣ୍ଟାଲ ଧାନ ବିକ୍ରିପାଇଁ ସିଲିଂ କରିଛନ୍ତି ଏହା ଚାଷୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି ।

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ଜଟଣୀ ପୌରାଞ୍ଚଳ ସ୍ଥାନିତ

ଜଟଣୀ,୧୦।୨ (ନି.ପ୍ର): ଜଟଣୀ ପୌର ପରିଷଦ ପକ୍ଷରୁ ଏବଂ ପୌର କାର୍ଯ୍ୟଳୟ ପରିସରରେ ବିରାଟ ସାଧାରଣ ସଭାର ଆୟୋଜନ ହୋଇଥିଲା । ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ପ୍ରସାରଣ । ବିଶେଷ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ୭୦ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନକୁ କାର୍ଯ୍ୟକରି କରିବା । ଏହି ମହାନ କାର୍ଯ୍ୟକ୍ରମକୁ, ଜଟଣୀ ପୌର କର୍ତ୍ତୃପକ୍ଷ, ପରିଷଦ ପ୍ରାଙ୍ଗଣରେ ଆୟୋଜନ କରିଥିଲେ । ଏହି ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ୯୦୬. ୮ ଲକ୍ଷ ଟଙ୍କା ଅନୁଦାନ ମିଳିଥିଛି । ଉକ୍ତ ଯୋଜନା ମାଧ୍ୟମରେ ପୌର କର୍ତ୍ତୃପକ୍ଷ ଜଟଣୀ ପୌରାଞ୍ଚଳର ଉନ୍ନତିକରଣ କାର୍ଯ୍ୟ କରିବାପାଇଁ, ଅଣ୍ଟା ଭିଡଛନ୍ତି । ଉନ୍ନତିକରଣ ଭିତରେ ରଖିଛନ୍ତି, ଟାଉନ ହଲ ଉନ୍ନତିକରଣ, ଖୋଲାସ୍ଥାନ ଉନ୍ନତିକରଣ, ଜଳାଶୟ ପୁନ୍ନ ଉଦ୍ଧାର, ବୈଦୁତିକ ବାହାନ ଚାର୍ଜିଙ୍ଗ କେନ୍ଦ୍ର, ପଶୁ କଲ୍ୟାଣ, ସ୍ମଶାନ ଉନ୍ନତିକରଣ, ପାଠାଗାର ଉନ୍ନତିକରଣ ଇତ୍ୟାଦି କାର୍ଯ୍ୟ ଅନୁମୋଦିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ, ଭୁବନେଶ୍ୱର ଲୋକ ସଭା ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ସନ୍ମାନିତ ଅତିଥିବୃନ୍ଦ ହେଉଛନ୍ତି, ଜଟଣୀର ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧାର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ବିଜେପି ଜିଲ୍ଲା ସଭାପତି ବିଶ୍ୱରଂଜନ ବଡ଼ଜେନା, ଜଟଣୀ ପୌର ପରିଷଦର ନିର୍ବାହୀ ଅଧିକାରିଣୀ ଶ୍ରୀମତୀ ଆକ୍ରିତୀ ଗୋଏଙ୍କା, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନ, ୨୩ଟି ୱାର୍ଡର ପାରିଷଦଗଣ, ୨ ଜଣ ସାଂସଦ ପ୍ରତିନିଧି । ଏତଦ୍ ବ୍ୟତୀତ ମାନ୍ୟଗଣ୍ୟ ବରଣ୍ୟ ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀ ମାନେ ଅତିଥି ଭାବେ ଯୋଗଦାନ କରିଥିଲେ ।

କାର୍ଯ୍ୟକ୍ରମରେ ଅତିଥିମାନେ ଜଟଣୀ ସହରର ବିକାଶ ଉପରେ ଆଲୋକପାତ କରିବା ସହ ଅତିଥିମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ପୁସ୍ତିକା ଉନ୍ମୋଚନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟ ସାଧାରଣ ଜନତା, ମହିଳା ଗୋଷ୍ଠୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜଟଣୀ ପୌର ପରିଷଦ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସାହୁ, ପୌର କର୍ମଚାରୀ ସତ୍ୟବ୍ରତ ତ୍ରିପାଠୀ, ଅଟଳ ଧର୍ମରାଜ, ମନସ୍ୱିନୀ ମହାରଣା, ସୁଜ୍ଞାନୀ ପାଢ଼ୀ, ଶିକ୍ତା ମହାନ୍ତି, ଜ୍ୟୋତିରଞ୍ଜନ ରାଉତରାୟ ଓ ରାମଚନ୍ଦ୍ର ତ୍ରିପାଠି ସହ ଅନ୍ୟମାନେ ପରିଚାଳନା କରିଥିଲେ ।

ଖତ ପ୍ରସ୍ତୁତି କେନ୍ଦ୍ର ପାଲଟିଛି ଆବର୍ଜନା କେନ୍ଦ୍ର

ଖଣ୍ଡପଡ଼ା, ୧୦/୨ (ନି.ପ୍ର): ଖଣ୍ଡପଡ଼ା ସହରାଞ୍ଚଳ ୧ ନଂ ୱାର୍ଡ ଅଧୀନ କରଡାବଣି ଠାରେ ଥିବା ଅଣୁଜୈବ ଖତ ପ୍ରସ୍ତୁତି କେନ୍ଦ୍ରରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ସହର ସାରା ବିଭିନ୍ନ ୱାର୍ଡରୁ ଆସୁଥିବା ଅଳିଆ । ଆବର୍ଜନାକୁ ଉକ୍ତ କେନ୍ଦ୍ରରେ ଜମା କରି ଖତ ପ୍ରସ୍ତୁତି ପାଇଁ ଲକ୍ଷ ଏବେ ବାଟ ହୁଡିଥିବା ଅଭିଯୋଗ ହୋଇଛି । ୧ ନଂ ୱାର୍ଡ ଅଧୀନ କରଡାବଣି କେନ୍ଦ୍ରରେ ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି । ବର୍ଷ ବର୍ଷ ଧରି ସହରାଞ୍ଚଳରୁ ଆସୁଥିବା ଅଳିଆକୁ କେନ୍ଦ୍ର ପଛପାଖେ ଗଦା କରିଦିଆଯାଉଥିବା ବେଳେ ଖତ ପ୍ରସ୍ତୁତି ପାଇଁ ସାମାନ୍ୟ ଉଦ୍ୟମ ମଧ୍ୟ କରାଯାଇନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ଜୈବ ଖତ ପ୍ରସ୍ତୁତି କେନ୍ଦ୍ର ଏବଂ ଏହାର ଚାରିପାଖକୁ ସଫାସୁତୁରା ରଖିବା ସହିତ ବଗିଚ ତିଆରି କରିବା ନିୟମ ଥିବାବେଳେ ଏହାକୁ ଖୋଲା ଉଲ୍ଲଂଘନ କରାଯାଇଛି । ସ୍ଥିତି ଏଭଳି ଯେ କେନ୍ଦ୍ର ଚାରିପାଖରେ ଯୁଆଡେ ଚାହିଁବ ଆବର୍ଜନାର ପାହାଡ ଦେଖିବାକୁ ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅପାରଗତା ଲୁଚାଇବାକୁ ଯାଇ ଉକ୍ତ ଅଳିଆ । ଆବର୍ଜନାରେ ନିଆଁ ଲଗାଇ ଦିଆଯାଇଛି । ଫଳରେ ନିକଟରେ ଥିବା କରଡାବଣି ବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇପଡିଥିବା ଅଭିଯୋଗ ହୋଇଛି । ବର୍ଷ ବର୍ଷ ଧରି ଏପରି ସ୍ଥିତି ଥିବାବେଳେ ଏନଏସି କର୍ତ୍ତୃପକ୍ଷ ଏ ଦିଗରେ ଆଖିବୁଜିଦେଇଛନ୍ତି । ଫଳରେ ଉକ୍ତ କେନ୍ଦ୍ର ପରିଚାଳନା କରୁଥିବା ଅଧିକାରୀ ଓ ସଂସ୍ଥାଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି । ନୟାଗଡ ଜିଲ୍ଲା ପ୍ରଶାସନ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

'ସ୍ମୃତିରେ ସ୍ମୃତିରେ' ପୁସ୍ତକ ଉନ୍ମୋଚିତ

ଜଟଣୀ,୧୦।୨ (ନି.ପ୍ର): ସ୍ୱର୍ଗତ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ ହୋଇଥିଲା । ସଭାକାର୍ଯ୍ୟ କରାଯାଇଥିଲା ରାମଚନ୍ଦ୍ରପୁର ସ୍ଥିତ ବାସଭବନ ପରିସରରେ । ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଡଃ ପ୍ରମୋଦ ଚନ୍ଦ୍ର ଦାଶ ଏବଂ ମଦନ ମୋହନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଆଗନ୍ତୁକ ମାନେ ଅଭିଭାଷଣରେ କହିଥିଲେ । ପଣ୍ଡିତ ରମାକାନ୍ତ ମିଶ୍ର ଏକାଧାରରେ ଥିଲେ ଜଣେ ଅସାଧାରଣ ଜ୍ଞାନର ଅଧିକାରୀ, ସଂସ୍କୃତ ଭାଷାରେ ବିଦ୍ୱାନ, ଓଡ଼ିଆ । ସାହିତ୍ୟରେ ଦକ୍ଷତାସମ୍ପନ୍ନ ବ୍ୟକ୍ତିତ୍ୱ, ଉତ୍ତମ ଶିକ୍ଷକ, ଓଡ଼ିଶାର ଜଣେ ସୁନାମଧନ୍ୟ ଉଚ୍ଚ କୋଟୀର ପାଲା ଗାୟକ ଓ ସଂଗଠକ । ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟିକ ଅନୁଷ୍ଠାନ ଗୁଡିକରେ ସକ୍ରିୟ ଭାବେ ଜଡ଼ିତ ରହିଥିଲେ । ଯେମିତିକି, ଆମରି ସତ୍ୟ ବିକାଶ ପରିଷଦ, ଜଟଣୀ

ପୁସ୍ତକ ମେଳା, ଜଟଣୀ ସାହିତ୍ୟ ସଂସଦ, ସମ୍ବାଦ ସାହିତ୍ୟ ଘର, ହରିପୁର ସ୍କୁଲର ସେ ଜଣେ ଦକ୍ଷ ଶିକ୍ଷକ ଭାବେ ଶିକ୍ଷା ଦାନ କରିଥିବାରୁ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ମାନେ, ସେହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଏବେବି ମନେ ପକାଉଛନ୍ତି । ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ ସଭା ଡ.ପ୍ରମୋଦ ଚନ୍ଦ୍ର ଦାଶ ଏବଂ ମଦନ ମୋହନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ରମାକାନ୍ତ ରଥ, ସତ୍ୟବାଦୀ ବଳିୟାର ସିଂହ, ସୁଦର୍ଶନ ମହାପାତ୍ର, ବିନାୟକ ରଥ, ପ୍ରତାପ କୁମାର ପ୍ରଧାନ, ସୁରେଶ କୁମାର ମିଶ୍ର, ହରିହର ସାମନ୍ତରାୟ, ଯୁଧିଷ୍ଠିର ପରିଡା, ଖଗେଶ୍ୱର ମାର୍ଥା, ଜବାହାରଲାଲ ସୁବୁଦ୍ଧି, ତ୍ରିଲୋଚନ ମହାପାତ୍ର, ସୀତାକନ୍ତ ଶତପଥି, ଶ୍ୟାମସୁନ୍ଦର ତ୍ରିପାଠୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ଆଦିନାରାୟଣ ଖଣ୍ଡୁଆଳ, ପଦ୍ମନାଭ ପାଣିଗ୍ରାହୀ, ବ୍ରଜବନ୍ଧୁ ନାୟକ, ସତ୍ୟବାଦୀ ସାହୁ, ସୁରେଶ ଚନ୍ଦ୍ରରଥ, ଶରତ ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ଇଂ.ରାଜେନ୍ଦ୍ର ପ୍ରସାଦ ନାୟକ, ଅମ୍ରିତା ସାମଲ, କାଦମ୍ବିନୀ ସ୍ୱାଇଁ, ସୁକାନ୍ତି ମହାପାତ୍ରଙ୍କ ସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦୦ରୁ ଅଧିକ ପାଲାକାର, ସାହିତ୍ୟିକ ମାନେ ଭାଗ ନେଇ ମହାନ୍ ଆତ୍ମାର ସ୍ମୃତି ଚାରଣ କରିଥିଲେ । ଶର୍ବ ଶେଖର ସ୍ୱର୍ଗତ ମିଶ୍ରଙ୍କ ଶିଷ୍ୟ, ଶରତ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ସୁଧାଂଶୁ ମୋହନ ସାମଲଙ୍କ ଦାୟିତ୍ୱ ଗ୍ରହଣ

କଟକ, ୧୦।୨ (ନି.ପ୍ର): ନିକଟରେ ରାଜ୍ୟସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ସୁଧାଂଶୁ ମୋହନ ସାମଲ (ଭା.ପ୍ର.ସେ) ଆଜି ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ

କଟକସ୍ଥିତ ଆର. ଡି. ସି. କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି । ଓଡିଶା ଖଣି ନିଗମ ର ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ବରୁ ଅବସ୍ଥାପିତ ଶ୍ରୀ ସାମଲ ଏହି ପଦବୀ ସହିତ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ ।

ଖ୍ରୀଷ୍ଟକଲେଜ ଦର୍ଶନ ବିଭାଗର ବାର୍ଷିକ ପାଠଚକ୍ର

କଟକ, ୧୦।୨ (ନି.ପ୍ର): ଖ୍ରୀଷ୍ଟକଲେଜ ଦର୍ଶନବିଭାଗରବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଶ୍ରୀମତୀ ମଧୁମିତା ପାତ୍ର ପାଠଚକ୍ରକୁ ଉଦ୍‌ଘାଟନ କରିକହିଲେ ଯେ, ଜୀବନ ଦର୍ଶନର ମୂଳତତ୍ତ୍ୱ ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ । ଦର୍ଶନ ବିଭାଗର ମୁଖ୍ୟ ସ

ସଂଗ୍ରାମୀ ମଞ୍ଚ ପକ୍ଷରୁ ବନ୍ଦ ଡାକରା

ନବରଙ୍ଗପୁର,୧୦।୨(ନି.ପ୍ର.): ଜିଲ୍ଲା ର ଦୁଇଟି ନିର୍ବାଚନ ମଣ୍ଡଳୀ କୁ ସଂଗ୍ରାମୀ ମଞ୍ଚ ପକ୍ଷରୁ ବନ୍ଦ ଡାକରା ସମର୍ଥନ କରିଛନ୍ତି କଂଗ୍ରେସ, ଭୁ ବନ୍ଦୋବସ୍ତ, ମେଡିକାଲ କଲେଜ,ଧାନ ମଣ୍ଡି ସମସ୍ୟା, ମକା ର ଅଭାବୀ ବିକ୍ରି ସମସ୍ୟା ସମାଧାନ ର ଦାବି ପୂରଣ ପାଇଁ ଉମରକୋଟ ସଂଗ୍ରାମ ମଞ୍ଚ ର ବନ୍ଦ ଡାକରା।ସରକାରୀ ଅବହେଳା ଓ ଦୀର୍ଘ ଦିନର ଦାବି ପୂରଣ ନହେବାରୁ ଏବେ ଆନ୍ଦୋଳନ ପଥକୁ ଓହ୍ଲାଇଛି 'ଉମରକୋଟ ସଂଗ୍ରାମ ମଞ୍ଚ'। ଆଜି ଉମରକୋଟ, ରାଇଘର, ଝରିଗାଁ ଏବଂ ଚାନ୍ଦାହାଣ୍ଡି ବ୍ଲକକୁ ସମ୍ପୂର୍ଣ୍ଣ 'ଅଖ ଚକ ବନ୍ଦ' ଡାକରା ଦିଆଯାଇଛି। ୧୯୫୬ ମସିହା ପରଠାରୁ ଉମରକୋଟ ଅଞ୍ଚଳରେ ହୋଇନାହିଁ ଭୁ ବନ୍ଦୋବସ୍ତ ଏଣୁ ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଲୋକେ ନିଜ ଜମିର ପଟା ପାଇବାରୁ ବଞ୍ଚିତ, ଜମିବାଡ଼ି କାରବାରଠୁ ଆରମ୍ଭ କରି ସରକାରୀ ସୁବିଧା ପାଇବାରେ ସୃଷ୍ଟି ହେଉଛି ସମସ୍ୟା ।ଉମରକୋଟକୁ ସବ୍-ଡିଭିଜନ ମାନ୍ୟତା ଦିଆ ହୋଇଛି କିନ୍ତୁ ସରକାରୀ ଅଧିକାରୀ ନିଯୁକ୍ତି ହୋଇନାହିଁ, ପ୍ରସ୍ତାବିତ ମେଡିକାଲ କଲେଜ କୁ ଉମରକୋଟ ରେ ସ୍ଥାପନ ପାଇଁ ଦାବି ଜୋର ଧରିଛି। ବିଶେଷ କରି ମକା ଚାଷୀଙ୍କ ପାଇଁ କୌଣସି ସୁବିଧା ନଥିବା ବେଳେ, ଅଞ୍ଚଳରେ ଏକ 'ମକା ପ୍ରକ୍ରିୟାକରଣ ୟୁନିଟ୍' (ଗବସଛର ଟଭସଷ୍ପ) ବସାଇବା ପାଇଁ ସଂଗ୍ରାମ ମଞ୍ଚ ଦାବି କରିଛି। ତେବେ ଏହି ୪ ବ୍ଲକର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦିଆଯାଇଥିବା ବନ୍ଦ ଡାକରାକୁ ଉମରକୋଟ କଂଗ୍ରେସ ଓ ଅନ୍ୟାନ ସଂଗଠନ ସମର୍ଥନ କରୁଛନ୍ତି ମିଳୁଥିବା ଦେଖାଯାଇଛି।

ନବରଙ୍ଗପୁର ଓ ଉମରକୋଟ ମହାବିଦ୍ୟାଳୟରେ 'ସୁରକ୍ଷିତ ଇଣ୍ଟରନେଟ୍ ଦିବସ' ପାଳି

ସାଇବର ସୁରକ୍ଷା ଓ ଏଆଇର ସଦୁପଯୋଗ ଉପରେ ଗୁରୁତ୍ୱ

ନବରଙ୍ଗପୁର,୧୦।୨(ନି.ପ୍ର.): ବର୍ତ୍ତମାନର ଡିଜିଟାଲ ଯୁଗରେ ଛାତ୍ରଛାତ୍ରୀମାନଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିବା ତଥା ଟେକ୍ନୋଲୋଜିର ସଦୁପଯୋଗ ନିମନ୍ତେ ଭାରତ ସରକାରଙ୍କ ଏନ.ଆଇ.ସି ଆନୁକୂଲ୍ୟରେ ନବରଙ୍ଗପୁର ଜିଲ୍ଲାରେ 'ସୁରକ୍ଷିତ ଇଣ୍ଟରନେଟ୍ ଦିବସ' ପାଳିତ ହୋଇଯାଇଛି। ଜିଲ୍ଲାର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନ, ଉମରକୋଟ ସ୍ଥିତ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଏବଂ ନବରଙ୍ଗପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଦୁଇ ଦିନିଆ ସଚେତନତା କର୍ମଶାଳାରେ ସମୁଦାୟ ୪୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଦୁଇ ଦିନିଆ ସଚେତନତା କର୍ମଶାଳାରେ 'ଏଆଇ'ର ଦାୟିତ୍ୱ ପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ଗୁରୁତ୍ୱରୋପ କରାଯାଇଥିଲା । ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତଥା ଉପ ନିର୍ଦ୍ଦେଶକ (ଆଇଟି) ତଥା ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟରନେଟର ନକାରାତ୍ମକ ଦିଗଠାରୁ

ଦୂରେଇ ରହି ଏହାର ସକାରାତ୍ମକ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସହଯୋଗୀ ଭାବରେ ସାରଙ୍ଗ ଶତପଥୀ, ଡିଆରଏମ ହାଡୁବନ୍ଧୁ ରଣା ଏବଂ ବିବେକ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।ପ୍ରତିବର୍ଷ ଫେବୃୟାରୀ ମାସ ଦ୍ୱିତୀୟ ମଙ୍ଗଳବାର ଦିନ ବିଶ୍ୱବ୍ୟାପୀ ପାଳିତ ହେଉଥିବା ଏହି ଦିବସର ଚଳିତ ବର୍ଷର ମୁଖ୍ୟ ଲକ୍ଷ୍ୟ ଥିଲା କୃତ୍ରିମ ବୁଦ୍ଧିମତ୍ତା ବା 'ଏଆଇ'ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର। ଉପ ନିର୍ଦ୍ଦେଶକ (ଆଇଟି) ଭୁକ୍ତା ତାଙ୍କ ବକ୍ତବ୍ୟରେ ସାଇବର ଠକେଇର ନୂତନ କୌଶଳ ଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବା, ମୋବାଇଲକୁ ଆସୁଥିବା ଓଟିପି (ଡଓଚ) କିମ୍ବା ବ୍ୟକ୍ତିଗତ ପାସୱାର୍ଡ ଅନ୍ୟ କାହାରି ସହ ଅଂଶୀଦାର ନକରିବା ଏବଂ ଅନଲାଇନ୍ ଆର୍ଥିକ କାରବାର ସମୟରେ ସର୍ବଦା ସତର୍କତା ଅବଲମ୍ବନ କରିବା ଉପରେ ସଚେତନ କରାଯାଇଥିଲା।

ଏହା ବ୍ୟତୀତ ଏ ଆଇ ବା କୃତ୍ରିମ ବୁଦ୍ଧିମତ୍ତା ଓ ସାମାଜିକ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଫେସବୁକ୍, ଇନଷ୍ଟାଗ୍ରାମ କିମ୍ବା ହ୍ୱାଟ୍ସଆପ ଭଳି ପ୍ଲାଟଫର୍ମରେ କୌଣସି ତଥ୍ୟ ବା ଫଟୋ ସେୟାର କରିବା ପୂର୍ବରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଭବିଷ୍ୟତରେ ଏକ ସୁରକ୍ଷିତ ଡିଜିଟାଲ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ 'ସଚେତନ ଓ ଦାୟିତ୍ୱବାନ ଡିଜିଟାଲ ନାଗରିକ' ଭାବରେ ଗଢିତୋଳିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଆୟୋଜକମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନେ କେବଳ ନିଜେ ସୁରକ୍ଷିତ ରହିବା ଶିଖିନଥିଲେ ବରଂ ନିଜ ପରିବାର ଓ ସମାଜକୁ ମଧ୍ୟ ସାଇବର ବିପଦ ସମ୍ପର୍କରେ ସଚେତନ କରାଇବାକୁ ଶପଥ ନେଇଥିଲେ।

ମାନାବାର-ଜରତି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ଲାଇନର ଯାଞ୍ଚ କଲେ ରେଳ ସୁରକ୍ଷା କମିଶନର

ଭୁବନେଶ୍ୱର, ୧୦।୨(ନି.ପ୍ର.):ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର ବ୍ରିଜେଶ କୁମାର ମିଶ୍ର, ୦୯ ଫେବୃଆରୀ ୨୦୨୬ ରେ ମାନବାର ଏବଂ ଜରତି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଥିଲେ। ପୂର୍ବ ତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ପ୍ରାୟ ୧୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଲାଇନ କୋଟ୍ଟାଭାଲସା-କିରାଣ୍ଡୁଲ ଦୋହରୀକରଣ ପ୍ରକଳ୍ପର ଏକ ଅଂଶ।

ଏହି ସେକ୍ସନଟି ୬୦ କିଲୋଗ୍ରାମ ରେଳରେ ନିର୍ମିତ ଏବଂ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଦୁଇଟି ପ୍ରମୁଖ ସେତୁ ରହିଛି। ଭାରତୀୟ ରେଳପଥର ଆଧୁନିକୀକରଣ ଲକ୍ଷ୍ୟ ଅନୁଯାୟୀ ଦ୍ରୁତ ଗତି, ଭାରୀ ଆକ୍ସଲ୍ ଲୋଡ୍ ଏବଂ ଉନ୍ନତ ସୁରକ୍ଷା ମାନଦଣ୍ଡକୁ ସମର୍ଥନ କରିବା ପାଇଁ ଭିତ୍ତିଭୂମି ଡିଜାଇନ୍ କରାଯାଇଛି। ଟ୍ରାକ୍, ସେତୁ, ସିଗନାଲିଂ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ପରିମାପକଗୁଡ଼ିକର ବିସ୍ତୃତ ପରୀକ୍ଷା ସମେତ ବ୍ୟାପକ ବୈଧାନିକ ଯାଞ୍ଚ କରାଯାଇଥିଲା। କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହିତ ପାସ୍ କରିଛି, ଯାହା ଫଳରେ ଏହି ସେକ୍ସନଟି ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି।

ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନ,ସିଭିଲ୍ ଇଞ୍ଜିନିୟରିଂ, ସଂକେତ ଏବଂ ଦୂରସଂଚାର ଏବଂ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଏବଂ ଟ୍ରାଫିକ୍ ବିଭାଗ ସହିତ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି ,ଯାହା ଫଳରେ ଏହି ସଫଳତା ହାସଲ ହୋଇପାରିଛି ।

ଏହି ଦ୍ୱିତୀୟ ଲାଇନ କାର୍ଯ୍ୟକ୍ଷମ ହେବା ଦ୍ୱାରା ସେକ୍ସନାଲ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ, ଯାତ୍ରୀ ଏବଂ ମାଲବାହୀ ଟ୍ରେନଗୁଡ଼ିକର ସୁଗମ ଏବଂ ଦ୍ରୁତ ଗତିବିଧିକୁ ସହଜ କରିବ, ଟ୍ରେନ ଗୁଡିକର ଅଟକ ରହିବା ସମୟରେ ହ୍ରାସ ସହିତ ଭିଡ଼ ହ୍ରାସ ପାଇବ ଏବଂ ସାମଗ୍ରିକ ପରିଚାଳନାରେ ଉନ୍ନତି ଆସିବ। କୋଟ୍ଟାଭାଲସା-କିରାଣ୍ଡୁଲ୍ ସେକ୍ସନରେ ସୁରକ୍ଷିତ ଏବଂ ଅଧିକ ନିର୍ଭରଯୋଗ୍ୟ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ସହିତ, ଏହି ଅଞ୍ଚଳର ବର୍ଦ୍ଧିତ ପରିବହନ ଚାହିଦା, ବିଶେଷକରି ଖଣିଜ ଏବଂ ଶିଳ୍ପ ଜାତୀୟ ଦ୍ରବ୍ୟର ସୁଗମ ପରିବହନ କରିବାରେ ଏହି ଦୋହରୀକରଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।ନିରୀକ୍ଷଣ ସମୟରେ, ରେଳ ସୁରକ୍ଷା କମିଶନରଙ୍କ ସହିତ ୱାଲ୍‌ଟେୟାର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ, ନିର୍ମାଣ ଏବଂ ରେଳ ବିଭାଗର ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପିସିସି ମନରେଗା ବଞ୍ଚାଓ ସଂଗ୍ରାମ କମିଟି କରିବ ମହାପଞ୍ଚାୟତ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୨(ନି.ପ୍ର.): ଆଜି କଂଗ୍ରେସ ଭବନ ଠାରେ ମନରେଗା ବଞ୍ଚାଅ ସଂଗ୍ରାମ କମିଟିର ଅଧ୍ୟକ୍ଷ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ମନରେଗାକୁ ଉଦ୍ଧାରିତ ରଖିବା ନିମନ୍ତେ ବିଭିନ୍ନ କାର୍ଯ୍ୟକୁ ରାଜ୍ୟରୁ ପଞ୍ଚାୟତ ସ୍ତର ପହଞ୍ଚାଇବା ଆଲୋଚନା କରାଯିବା ସହ ଖୁବଶୀଘ୍ର ମହାପଞ୍ଚାୟତ ପର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କରାଯିବାର ନଷ୍ପତ୍ତ ନିଆଯାଇଛି । ବିଜେପି ର ଶ୍ରମିକ ବିରୋଧି ଭିବି ଜି ରାମ୍ ଜି ର ପ୍ରତ୍ୟେକଟି ଶ୍ରମିକ ବିରୋଧି ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ପର୍ଯ୍ୟନ୍ତ ଏ ଲଢେଇ ରାଜ୍ୟରୁ ପଞ୍ଚାୟତ ସ୍ତର ଯାଏଁ ବ୍ୟାପକ ଭାବେ କାର୍ଯ୍ୟକ୍ରମ କରାଯିବ। ଆଜିର ମନରେଗା ବଞ୍ଚାଅ ସଂଗ୍ରାମ କମିଟିର ବୈଠକ ରେ ପୂର୍ବତନ ମନ୍ତ୍ରୀ ତଥା ମନରେଗା କମିଟିରାଜ୍ୟ ଅଧ୍ୟକ୍ଷ ଶରତ ରାଉତ, ପୂର୍ବତନମନ୍ତ୍ରୀ ଅମରନାଥ ପ୍ରଧାନ, ନଗେନ୍ଦ୍ର ପ୍ରଧାନ, ଜିୟା ଉଲ୍ ହକ୍, ବାଙ୍କନିଧି ବେହେରା, ମନୋରଞ୍ଜନ ଦାଶ, ତରୁଣକାନ୍ତ ମିଶ୍ର, ମାନସ ମଲ୍ଲିକ, ହଳଧର ସେଠୀ, ଜୟଶ୍ରୀ ପାତ୍ର, ସତ୍ୟବ୍ରତ ନାୟକ, ସୁଦର୍ଶନ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଏହି ଆଲୋଚନାରେ ଭାଗନେଇଥିଲେ।

ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଯାପିତ

ଜଗତସିଂହପୁର,୯।୨(ନି.ପ.): ଗତ ୨ ତାରିଖରୁ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ

ତରାଇ ମହିଳା ଉଦ୍‌ୟୋଗୀ ଓ ସାଂସ୍କୃତିକ ପରମ୍ପରା ର ମେଳା ସୁଭଦ୍ରା ଶକ୍ତି ମେଳା ମହିଳା ମାନଙ୍କ ଜ୍ଞାନ କୌଶଳ କୁ ପ୍ରୟୋଗ କରି ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ମାର୍ଗଦର୍ଶନ କରିବ ବୋଲି କହିଥିଲେ।ବର୍ତ୍ତମାନ ମହିଳା ମାନେ ସମସ୍ତ କ୍ଷେତ୍ର ରେ ପାରଦର୍ଶିତା ଦେଖାଇଛନ୍ତି। ମହିଳା ରୋଜଗାରକ୍ଷମ ହେଲେ ପରିବାର ସ୍ୱାବଲମ୍ବୀ ହେବ। ସ୍ୱଦେଶୀ ଭାବେ ତିଆରି ହେଉଥିବା ଜଗତସିଂହପୁର ଜିଲ୍ଲା ର ହାତ ତିଆରି ଜିନିଷ ବିଶ୍ୱ ବଜାର ରେ ଉପଲବ୍ଧ ହେଲେ ଜିଲ୍ଲା ସହ ଦେଶର ଆର୍ଥିକ ମାନଦଣ୍ଡ ରେ ପରିବର୍ତ୍ତନ ଆସିବ। ଓଡ଼ିଶା ସରକାର ମିଶନ ଶକ୍ତି ମାଧ୍ୟମ ରେ ମହିଳା ମାନଙ୍କୁ ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ଆଦି ଯୋଜନା ରେ ମହିଳା ମାନଙ୍କୁ ଅର୍ଥନୈତିକ କ୍ଷେତ୍ର ରେ ସୁଦୃଢ଼ କରିପାରିଛନ୍ତି।ଯେଉଁମାନେ ଏହି ସ୍ରୋତ ରେ ନିଜକୁ ସାମିଲ କରିପାରିନାହାନ୍ତି, ସେମାନେ ଆସି ଏଥିରେ ଭାଗ ନେଇ ନିଜ ସହ ପରିବାର କୁ ଆତ୍ମନିର୍ଭରୀଳ କରିପାରିବେ। ଏଥିପାଇଁ ସେମାନଙ୍କ ତିଆରି ଜିନିଷ କୁ ବିକ୍ରୀ କରିବାର ସୁଯୋଗ ଦେବାପାଇଁ ବଜାର ଯୋଗାଇ ଦେବକୁ ପଡିବ। ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଗ୍ରାମୀଣ ଉତ୍ପାଦର ବିପଣନକୁ ଉତ୍ସାହିତ କରିବା ଏହି ମେଳାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଓଡ଼ିଶା ତଥା ଜିଲ୍ଲା ର ମହିଳା ଉଦ୍‌ୟୋଗୀ ମାନଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ମେଳା ପୃଷ୍ଠଭୂମି ଯୋଗାଇବ ବୋଲି କହିଥିଲେ। ସରକାର ଙ୍କ ର ଏହି ଅଭିନବ ପୃଷ୍ଠଭୂମି ସୃଷ୍ଟି ପାଇଁ ସେ ଜିଲ୍ଲା ପ୍ରଶାସନ କୁଧନ୍ୟବାଦ ଦେଇଥିଲେ।

ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ କହିଲେ ଏହି ମେଳା ଆୟୋଜିତ ହୋଇଛି ଆମ ମା ମାନଙ୍କ ପାଇଁ। ସ୍ୱଦେଶୀ ଦ୍ରବ୍ୟ ନେଇ ଆସିଥିବା ଆମ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ମା ମାନଙ୍କ ମଧ୍ୟରେ ଭାବ ର ଆଦାନପ୍ରଦାନ ସହ ସୃଜନଶୀଳତା ର ଆଦାନପ୍ରଦାନ ହୋଇଛି।ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମହିଳା ମାନେ ଆତ୍ମନିର୍ଭର ହୋଇପାରିଲେ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି କହିଥିଲେ।ସଭାରେ ସମ୍ମାନିତ ଅତିଥି ରୂପେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଆଜୀଙ୍କ୍ୟା ମାଣେ ଉପସ୍ଥିତ ଥିଲେ।

ଆରବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ ଉଦ୍‌ଘାଟିତ

ଭୁବନେଶ୍ୱର :ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୧୬ ମସିହାରୁ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆର୍ଥିକ ସାକ୍ଷରତା ସପ୍ତାହ (ଏଫଏଲଡବ୍ଲୁ) ପାଳନ କରିଆସୁଛି। ଏହି କ୍ରମରେ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬ ଫେବୃଆରୀ ୦୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରାଯାଉଛି। ଏହା ଏହି ଅଭିଯାନର ଏକାଦଶ ସଂସ୍କରଣ। ଏହି ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହର ବିଷୟବସ୍ତୁ ହେଉଛି "କେୱାଇସି– ସୁରକ୍ଷିତ ବ୍ୟାଙ୍କିଙ୍ଗ ଆଡ଼କୁ ପ୍ରଥମ ପଦକ୍ଷେପ"। ଉପ ବିଷୟବସ୍ତୁ ଭାବେ

"ତୁମର ଗ୍ରାହକଙ୍କୁ ଜାଣିବାର ମୌଳିକ ବିଷୟ (କେୱାଇସି)", "କେନ୍ଦ୍ରୀୟ କେୱାଇସି ରେଜିଷ୍ଟ୍ରି (ସିକେୱାଇସି)" ଏବଂ "ଆକାଉଣ୍ଟ ସ୍ୱଚ୍ଛତା ଓ ଶୃଙ୍ଖଳା" ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ଆରବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ ବ୍ୟାଙ୍କ ଜମା ଖାତାରେ କଣ୍ଡ ଅପଡେଟ୍ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ସଂଜୀବ କୁମାର ମିଶ୍ର, କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଶ୍ରୀମତୀ ଅନିତା ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।

ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତଦାରଖ କଲେ ବିଧାୟିକା ସୋଫିଆ ଫିରଦୋସ

କଟକ,୧୦/୨- ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ବିଧାୟିକା ସୋଫିଆ ଫିରଦୋସ ଆଜି ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି । ସହରର ଗୌରବ ରୂପା ତାରକସୀ ଶିଳ୍ପର ପ୍ରସାର ନିମନ୍ତେ ନିର୍ମାଣାଧୀନ ନୂତନ 'ତାରକସୀ ହବ୍' କୋଠାର କାର୍ଯ୍ୟ ବୁଲି ଦେଖିବା ସହ ସେଠାରେ ଉପସ୍ଥିତ ଅଧିକାରୀ ଓ ଆର୍କିଟେକ୍ଟମାନଙ୍କ ସହ ନିର୍ମାଣ ଶୈଳୀ ଓ ମାନ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ । କଟକର ଐତିହ୍ୟକୁ ବଜାୟ ରଖିବା ସହ ଏହି ପ୍ରକଳ୍ପ ଯେପରି ସୁଚାରୁରୂପେ ଶେଷ ହେବ, ସେଥିପାଇଁ ବିଧାୟିକା ଗୁରୁତ୍ୱାରୋପ କରିଛନ୍ତି । ଏହାପରେ ବିଧାୟିକା ପେଟାନାଳ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରି ସିଏମସି ଏବଂ ଡ୍ରେନେଜ୍ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପେଟାନାଳର ସୌନ୍ଦର୍ଯ୍ୟକରଣ, ନୂତନ ବ୍ରିଜ୍ ନିର୍ମାଣ ଏବଂ ଅଟକି ରହିଥିବା ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକୁ ତୁରନ୍ତ ଆରମ୍ଭ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସହରର ଐତିହାସିକ ବାରବାଟୀ ଗଡ଼ଖାଇର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ବିଧାୟିକାଙ୍କ ଗସ୍ତ ସୂଚୀରେ ସାମିଲ ଥିଲା। ସେ ସମ୍ପୂର୍ଣ୍ଣ ଗଡ଼ଖାଇ ଅଞ୍ଚଳ ବୁଲି ଦେଖିବା ସହ ଏହାର ସ୍ୱଚ୍ଛତା ଓ ସଂରକ୍ଷଣ ନେଇ ଅଧିକାରୀମାନଙ୍କ ସହ ପରାମର୍ଶ କରିଥିଲେ। ଏହି ପରିଦର୍ଶନ ସମୟରେ ସିଏମସି ଅଧିକାରୀ, ଡ୍ରେନେଜ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ

ଉପସ୍ଥିତ ରହି ପ୍ରକ